**ସିଂଲା ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ**

ବସ୍ତା,(ହରିଶଙ୍କର ପାଢ଼ି)-ବାଲେଶ୍ୱର ଜିଲା ସିଂଲା ପୋଲିସ ପକ୍ଷରୁ ଗୁରୁବାର ପାଉଁଶକୁଲିଠାରେ ଗାଡ଼ି ମୋଟର ଯାଞ୍ଚ ହୋଇ ୨୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ହେଲମେଟ୍ ନ ଥାଇ ଗାଡ଼ି ଚଳାଇବା ଅଭିଯୋଗରେ ୮ଜଣଙ୍କଠାରୁ ସିଟ ବେଲ୍ଟ ନ ପିନ୍ଧି ଗାଡ଼ି ଚଳାଇବା ଅଭିଯୋଗରେ ୨ ଜଣ, ମୋବାଇଲରେ କଥା ହୋଇ ଗାଡ଼ି ଚଳାଇବା ଅଭିଯୋଗରେ ଦୁଇ ଜଣଙ୍କଠାରୁ ଏହି ଜରିମାନା ଆଦାୟ ହୋଇଥିବା ଜଣାଯାଇଛି। ଉକ୍ତ ଯାଞ୍ଚ ଅଭିଯାନରେ ସିଂଲା ଥାନା ଅଧିକାରୀ ଭୁବନମୋହନ ସେଠୀଙ୍କ ସମେତ ଅନ୍ୟାନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସର୍ବଭାରତୀୟ ପରୀକ୍ଷାରେ ମେଧାବୀ ଛାତ୍ରଙ୍କ କୃତିତ୍ୱ

କାଳିପଦା, ୫।୧-ୟୁପିଏସ୍‌ସି ଦ୍ୱାରା ପରିଚାଳିତ ସର୍ବଭାରତୀୟ ଇଞ୍ଜିନିୟରିଂ ପରୀକ୍ଷା ୨୦୨୩ରେ ବାଲିଆପାଳ ବ୍ଲକ ଅଧୀନ ଭିକାଗଡ଼ିଆ ଗ୍ରାମର ପ୍ରତୀକ



କୁମାର ସାମଲ ଇଲେକ୍ଟ୍ରୋନିକ୍ସ ବିଭାଗରେ ୫୯ତମ ର୍‍ୟାଙ୍କ ରଖି କୃତିତ୍ୱ ହାସଲ କରିଛନ୍ତି। ପ୍ରତୀକପୂର୍ବରୁକଟକ ଭୁବନାନନ୍ଦ ଇଞ୍ଜିନିୟରିଂ ସ୍କୁଲରୁ ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେଶନରେ ଡିପ୍ଲୋମା ହାସଲ କରିଥିଲେ। ପରେ ସେ ସୋଆ ଇଞ୍ଜିନିୟରିଂ କଲେଜରୁ ବିଟେକ ହାସଲ କରିଥିଲେ। କୌଣସି କୋଚିଂ ନ ନେଇ ଆଇଇଏସ୍ ପରୀକ୍ଷା ଦେଇଥିଲେ। ସେ ଇସ୍ରୋ ଓ ଏନ୍‌ଟିଆର୍‌ଓ ପାଇଁ ମଧ ମନୋନୀତ ହୋଇଥିଲେ। ପ୍ରତୀକ ସର୍ବଭାରତୀୟ ସ୍ତରରେ ଆଇଆଇଟି ସ୍ତରର ଛାତ୍ରୀଛାତ୍ରଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ଏହି ସଫଳତା ପାଇଛନ୍ତି। ସେ ମଧ ଜଣେ ବୈଦିକ ଜ୍ୟୋତିର୍ବିଜ୍ଞାନୀ ଅଟନ୍ତି। ଗ୍ରାମାଞ୍ଚଳର ଛାତ୍ର ପ୍ରତୀକର ଏହି ସଫଳତା ଏକ ନିଆରା ଦୃଷ୍ଟାନ୍ତ ବୋଲି ଆଲୋଚନା ହେଉଛି।

### ବସ୍‌କୁ ଧକ୍କାଦେଲା ଲୁହାପଥର ବୋଝେଇ ଟ୍ରକ୍, ୫ ଆହତ

ବଡ଼ବିଲ,୫।୧(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ଛକଠାରେ ଶୁକ୍ରବାର ଭଞ୍ଜଦେଓ-ପ୍ରିନ୍ସ ନାମକ ଯାତ୍ରୀବାହୀ ବସକୁ ଏକ ଲୁହାପଥର ବୋଝେଇ ଟ୍ରକ ଧକ୍କା ଦେଇଛି। ଦୁର୍ଘଟଣାରେ ବସର ସମ୍ମୁଖ ଭାଗ କାଚ ଭାଙ୍ଗିଯାଇଥିବା ବେଳେ ୫ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବଡବିଲଠାରୁ କେନ୍ଦୁଝର ଅଭିମୁଖେ ବାହାରିଥିବା ବସ୍ (ନଂ. ଓଆର ୦୯ ଏମ ୨୧୮୭) ୯ ଟା ୪୦ ମିନିଟ୍‌ରେ ଭଦ୍ରାସାହି ଛକଠାରେ ପହଞ୍ଚିଥିଲା। ଏହି ସମୟରେ ଏକ ଲୁହାପଥର ବୋଝେଇ ଟ୍ରକ୍ (ନଂ. ଡବ୍ଲୁବି ୨୯ ସି ୩୧୩୨) ବସର ସମ୍ମୁଖ ଭାଗ ବାମ ପାର୍ଶ୍ୱରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଆହତ ଯାତ୍ରୀମାନଙ୍କ ଆଶୁ ଚିକିତ୍ସା ନିମନ୍ତେ ବସର ଫାଷ୍ଟଏଡ୍ କିଟ୍ ଖୋଜାପଡ଼ିବାରୁ କିଟ୍ ନ ଥିବା ଜଣାପଡ଼ିଥିଲା। ତେବେ ଖବର ପାଇ ପୋଲିସ ପହଞ୍ଚି ଆହତଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟିକୁ ଜବତ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

### 'ଉତ୍ତର ଓଡ଼ିଶାର ବିକାଶ ପାଇଁ ରାଜ୍ୟ ସରକାର କିଛି କରିନାହାନ୍ତି'

ବାଲେଶ୍ୱର, ୫।୧(ମାନସ ବିଶ୍ୱାଳ)- ବାଲେଶ୍ୱର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡିଶାର ବିଭିନ୍ନ ଜିଲାର ବିକାଶ ଦିଗରେ ବିଜେଡି ସରକାର ଗୁରୁତ୍ୱ ଦେଉଥିବା ବେଳେ ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାର ବିକାଶ ଦିଗରେ ସେଭଳି ଧ୍ୟାନ ନ ଦେଇ ଦୀର୍ଘ ୨୪ବର୍ଷ ହେଲା କ୍ରମାଗତ ଭାବେ ଅବହେଳା କରିଚାଲିଥିବା ଜିଲା କଂଗ୍ରେସ ସଭପତି ସଞ୍ଜୀବ ଗିରି ଅଭିଯୋଗ ଆଣିଛନ୍ତି।

୬ ତାରିଖରେ କାର୍ତ୍ତିକ ପାଣ୍ଡିଆନ ବାଲେଶ୍ୱର ଜିଲା ଗସ୍ତରେ ଆସୁଥିବାବେଳେ ଜିଲା ତଥା ଉତ୍ତରଓଡ଼ିଶାର ସାମଗ୍ରିକ ବିକାଶ ପାଇଁ କ'ଣ ସବୁ ଉପହାର ଦେବେ ସେ ସମ୍ପର୍କରେ ମଞ୍ଚ ଉପରୁ ଘୋଷଣା କରନ୍ତୁ। କୋଷ୍ଟକେନାଲର ପୁନରୁଦ୍ଧାର, ଉତ୍କଟ ବେକାରୀ ସମସ୍ୟାର ସମାଧାନ ଦିଗରେ ନବୀନ ସରକାର କୌଣସି ପଦକ୍ଷେପ ନ ନେଇ ବାଲେଶ୍ୱର ଜିଲାକୁ ସମ୍ପୂର୍ଣ୍ଣ ଅବହେଳା କରିଚାଲିଛନ୍ତି। କଂଗ୍ରେସ ସରକାରଙ୍କ ଅମଳରେ ବାଲେଶ୍ୱରରେ ଶିଳ୍ପ ପ୍ରତିଷ୍ଠା ହୋଇଥିଲେ ହେଁ ଏବେ ସେସବୁରେ ତାଲା ଝୁଲୁଛି। ନବୀନ ସରକାର ୨୪ବର୍ଷ ମଧ୍ୟରେ ଗୋଟିଏ ବୃହତ୍ ଘରୋଇ ଶିଳ୍ପାନୁଷ୍ଠାନକୁ ବାଲେଶ୍ୱରରେ ପ୍ରତିଷ୍ଠା କରିବାରେ ବିଫଳ ହୋଇଛନ୍ତି। ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କୁ ଏନେଇ କଂଗ୍ରେସ ଦଳ ପ୍ରଶ୍ନ ପଚାରିଥିଲେ ମଧ୍ୟ ସରକାର ନୀରବ ରହିଛନ୍ତି। ଖବରଦାତା ସମ୍ମିଳନୀରେ କଂଗ୍ରେସ ଜିଲା ଉପସଭାପତି ଗୋପୀନାଥ ପାଢ଼ୀ, ମହିଳା କଂଗ୍ରେସ ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ମହାନ୍ତି, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଜିଲା ସାଧାରଣ ସମ୍ପାଦକ ଦେବଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୪ମାସ ହେଲା ଖୋଳାହୋଇ ପଡ଼ିଛି ଓଝାପୋଖରୀ-ଅଡ଼ା ରାସ୍ତା

## ଗ୍ରାମ୍ୟ ଉନ୍ନୟନ ବିଭାଗର ଯାତ୍ରୀ ମାରଣନୀତି

ଖଇରା, ୫।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଓ ସିମୁଳିଆ ଦୁଇ ବ୍ଲକକୁ ସଂଯୋଗ କରୁଥିବା ଓଝାପୋଖରୀ-ଅଡା ଭାୟା ସାରଡାଙ୍ଗ ରାସ୍ତାରେ ୨ବର୍ଷ ଧରି କେବଳ ଯାତ୍ରୀ କଷଣ ସହୁଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗର ଠିକାଦାର ପ୍ରତି ଅହେତୁକ ଅନୁକମ୍ପା ଯୋଗୁ ସାଧାରଣ ଯାତ୍ରୀମାନଙ୍କୁ ୨ବର୍ଷ ଧରି କଷ୍ଟ ଭିତରେ ରାସ୍ତା ଅତିକ୍ରମ କରିବାକୁ ପଡୁଛି। ଠିକାଦାର ଜଣକ ରାସ୍ତା ତିଆରି କରିବା ଆଳରେ ରାସ୍ତାପାର୍ଶ୍ୱକୁ ଖୋଳି ଛାଡି ଦେଇଥିବାରୁ ପ୍ରତ୍ୟେକ ଦିନ ମଣିଷ ହୁଅନ୍ତୁ କି ଗୃହପାଳିତ ପ୍ରାଣୀ, ସେମାନଙ୍କ ଜୀବନ ବାଜିରେ ଲାଗୁଛି। ଏହାଭିତରେ ନନ୍ଦୁର ଗ୍ରାମର ବିନୋଦ କୁମାର ନାୟକ, ଲାଲା ସିଂ ଓ ସୁଙ୍ଗୁଡା ଗ୍ରାମର ରଘୁନାଥ ଦାସଙ୍କ ସମେତ ୭ଜଣ ଖୋଳାଯାଇଥିବା ଖାଲରେ ପଡି ଆହତ ହୋଇଥିବା ଅଭିଯୋଗ ହୋଇଛି । ସେପଟେ ରାସ୍ତା ନିର୍ମାଣ ଆଳରେ ପାଣି ପାଇପଗୁଡିକୁ ନଷ୍ଟ କରି ଦିଆଯାଇଥିବାରୁ ୧ବର୍ଷ ଧରି ନନ୍ଦୁର, ଅସୁରିଆ, ରୁଡ଼ିଙ୍ଗିଆ, ସାରଡାଙ୍ଗର ବିଭିନ୍ନ ସାହି ବାସିନ୍ଦା ଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ରହିଛନ୍ତି।

ଏଭଳି ପରିସ୍ଥିତିରେ ଭୁବନେଶ୍ୱରଠାରୁ ଆରମ୍ଭ କରି ଡିଭିଜନ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଠିକାଦାରଙ୍କୁ ସୁହାଇଲା ଭଳି କାର୍ଯ୍ୟ କରୁଥିବାରୁ ଯାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେବା ସତ୍ତ୍ୱେ ମୁହଁ ବନ୍ଦ କରି ରହିଛନ୍ତି। ଆଗାମୀ ନିର୍ବାଚନରେ ଏହାର ପ୍ରତିଫଳନ ଭୋଟରେ ପଡିବା ନେଇ ବିଭିନ୍ନ ଗ୍ରାମର ଜନସାଧାରଣ ଇସାରାରେ ଜଣାଇଛନ୍ତି। ଉକ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ୨୦୨୨ରେ ୪ କୋଟି ୮୮ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ରାସ୍ତା ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାର ଜଣକ ୬ମାସ ଧରି କାର୍ଯ୍ୟ ଆରମ୍ଭ ନ କରିବା ପ୍ରତିବାଦରେ ତତ୍କାଳୀନ ନିର୍ବାହୀଯନ୍ତ୍ରୀ ଟେଣ୍ଡର ବାତିଲ କରିଥିଲେ। ଏଥିଲାଗି ସମ୍ପୃକ୍ତ ଠିକାଦାର ଜଣକ ଜଣେ



କନିଷ୍ଠଯନ୍ତ୍ରୀଙ୍କୁ କାର୍ଯ୍ୟାଳୟରେ ପଶି ମାଡ଼ ମାରିବା ପରେ ଘଟଣା ସିମୁଳିଆ ଥାନାକୁ ମଧ ଯାଇଥିଲା। ଯାତ୍ରୀମାନେ ଭାବିଥିଲେ ଏଥର ପୁନଃ ଟେଣ୍ଡର ପ୍ରକ୍ରିୟାରେ ଜଣେ ଦାୟିତ୍ୱବାନ ଠିକାଦାରଙ୍କୁ ଏହା ପ୍ରଦାନ କରାଯିବ । ହେଲେ କିଛି ନୂଆ ଯନ୍ତ୍ରୀ ବଦଳି ହୋଇ ଆସିବା ପରେ ଯାତ୍ରୀଙ୍କ କଷ୍ଟକୁ ଜଳାଞ୍ଜଳି ଦେଇ ପୁନଶ୍ଚ ପୁରୁଣା ଠିକାଦାରଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦେବା ପରେ ଏବେ ଯାତ୍ରୀଙ୍କ କଷ୍ଟ ୧୦ଗୁଣା ବଢିଯାଇଛି । ଏବେ ରାସ୍ତା ଖୋଳା ହୋଇପଡିଥିବାରୁ ପ୍ରତି ମୁହୂର୍ତ୍ତରେ ସେମାନେ ବିପଦର ସାମନା କରୁଛନ୍ତି । ଏବେକାର ଯନ୍ତ୍ରୀମାନେ ଠିକାଦାରଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ଆଜି ଯାତ୍ରୀମାନେ ଏଭଳି ଅବସ୍ଥାରେ ପଡୁଥିବା ପଦ୍ମଲୋଚନ ନାୟକ, ତୁଷାରକାନ୍ତ ପତି, ଗୌରାଙ୍ଗ ମହାନ୍ତି ଓ ତପନ ବାରିକ ପ୍ରମୁଖ ଅଭିଯୋଗ କରିବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଓ ସଚିବଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ ସେଠୀଙ୍କୁ ଯୋଗାଯୋଗ କରିବାରେ ସେ ୨ରୁ ୩ଦିନ ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# ପଦ୍ମଶ୍ରୀ ଦେବୀପ୍ରସନ୍ନ, କବି ଶ୍ରୀଦେବ ସମ୍ମାନିତ



ମହୋତ୍ସବରେ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଓ କବି ଶ୍ରୀଦେବଙ୍କୁ ସମ୍ମାନିତ କରୁଛନ୍ତି ଅତିଥି।

ଭଦ୍ରକ,୫।୧(ସନାତନ ରାଉତ)

## ତ୍ୟାଗଭୂମି ମହୋତ୍ସବର ୬ଷ୍ଠ ସନ୍ଧ୍ୟା

ଅନେକ ସମୟରେ ପ୍ରଶାସନିକ ଚକ୍ରବ୍ୟୁହରେ ଗଣମାଧ୍ୟମ ପ୍ରଭାବିତ ହେଉଥିବା ଦେଖିବାକୁ ମିଳେ। ଭଦ୍ରକ ଶହୀଦ ସ୍ମୃତିଭବନଠାରେ ଚାଲିଥିବା ତ୍ୟାଗଭୂମି ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ 'ପ୍ରଶାସନିକ ଚକ୍ରବ୍ୟୁହରେ ଗଣମାଧ୍ୟମ ଓ ନ୍ୟାୟପାଳିକା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ପୂର୍ବତନ ଏମ୍‌ପି ଓ କବି ଡ. ପ୍ରସନ୍ନ ପାଟ୍ଟଶାଣୀ କବିତା ମାଧ୍ୟମରେ ଏହି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଭାରତୀୟ ପ୍ରଶାସନିକ ସେବାନିବୃତ୍ତ ଅଧିକାରୀ ନିରଞ୍ଜନ ସାହୁ, ଅନ୍ୟତମ ବକ୍ତା ଭାବେ ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଧ୍ୟାପକ ପବିତ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ।

ଅଧିବକ୍ତା ପର୍ଶୁରାମ ଦୀକ୍ଷିତଙ୍କ ପୌରୋହିତ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ଓଡ଼ିଆ ଭାଷା ଆନ୍ଦୋଳନର ସାରଥୀ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ 'ତ୍ୟାଗଭୂମି ପ୍ରତିଭା ସମ୍ମାନ' ଓ କବି ଶ୍ରୀଦେବଙ୍କୁ 'କବି ବିଷ୍ଣୁ ସେଠୀ କବିତା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଲଲାଟ କୁମାର ମଲ୍ଲିକ ମଞ୍ଚ ଆହ୍ୱାନ କରିଥିବା ବେଳେ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ତ୍ୟାଗଭୂମିର ବାର୍ଷିକ ଦସ୍ତାବିଜ ତ୍ୟାଗଭୂମିର କଥାକଳ୍ପ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭାପତି ଅଜୟ ନାୟକ ଅତିଥିମାନଙ୍କୁ ତ୍ୟାଗଭୂମି ପୁସ୍ତିକା ଅର୍ପଣ କରିଥିଲେ। ବେଳେ ସମ୍ପାଦକ ଅଧିବକ୍ତା ଗଦାଧର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଶୁକ୍ରବାର ମହୋତ୍ସବର ଉଦ୍‌ଯାପନୀ ଥିଲା। ତ୍ୟାଗଭୂମି ସମ୍ମେଳନର ସଙ୍ଗଠନ ସମ୍ପାଦକ ସୁଧାକର ରାଉତଙ୍କ ବଡ଼ପୁଅ ସପନ(୫୨)ଙ୍କ ଅକାଳ ବିୟୋଗ ଯୋଗୁ ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି।

# ଫାଟକରେ ତାଲା ପକାଇଲେ ଛାତ୍ରୀଛାତ୍ର



ସ୍କୁଲ ଗେଟ୍ ଆଗରେ ଛାତ୍ରୀଛାତ୍ର ବସିଛନ୍ତି।

କେନ୍ଦୁଝର,୫।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

## ମହାଦେଇଯୋଡ଼ା ଲକ୍ଷ୍ମୀନାରାୟଣ ବିଦ୍ୟାଳୟ
## ଶିକ୍ଷକ ଅପସାରଣକୁ ବିରୋଧ

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ମହାଦେଇଯୋଡ଼ା ପଞ୍ଚାୟତ ମହାଦେଇଯୋଡ଼ା ଲକ୍ଷ୍ମୀନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକ ଅପସାରଣ ପ୍ରତିବାଦରେ ଶୁକ୍ରବାର ଫାଟକରେ ତାଲା ପକାଇ ଛାତ୍ରୀଛାତ୍ର ସମେତ ଅଭିଭାବକ ରାସ୍ତାରେ ବସି ଧାରଣା ଦେଇଛନ୍ତି। ମହାଦେଇଯୋଡା ସରପଞ୍ଚ ରମେଶ ମୁଣ୍ଡା, ଜୋନ ନଂ. ୫ ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ସଦର ବ୍ଲକ୍ ଶିକ୍ଷାବିଭାଗର ଅଧିକାରୀ ପହଞ୍ଚି ବୁଝାସୁଝା ପରେ ଛାତ୍ରୀଛାତ୍ର ଉଠିଥିଲେ। ସୂଚନା ଅନୁଯାୟୀ, ବିଦ୍ୟାଳୟରେ ୫ମ ରୁ ୮ମ ଶ୍ରେଣୀ ପାଠପଢ଼ା ଚାଲିଥିବା ବେଳେ ଶିକ୍ଷକ ବଦଳି ପରେ ନୂତନ ନିଯୁକ୍ତି ଦିଆଯାଉନି। ଏହାର ବିରୋଧ କରି ଅଭିଭାବକମାନେ ସ୍କୁଲ୍ ଗେଟ ସାମ୍ନାରେ ଛାତ୍ରୀଛାତ୍ରଙ୍କ ସହ ବସି ରହିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷା ବିଭାଗ କର୍ମଚାରୀ ଆସି ଅଭିଭାବକଙ୍କୁ ବୁଝାସୁଝା କରିଥିଲେ। କାହାକୁ ନ ଜଣାଇ କିପରି ଶିକ୍ଷକ ରିଲିଭ କରାଗଲା ଅଭିଭାବକମାନେ ପ୍ରଶ୍ନ କରିଥିଲେ। ଏହି ସ୍କୁଲରେ ପିଅନ ନାହିଁ ଅନେକ ବର୍ଷ ହେବ ତାହା ଶିକ୍ଷା ଅଧିକାରୀଙ୍କ ନିକଟରେ କୌଣସି ସୂଚନା ନାହିଁ। ସେହିପରି ପାଖରେ ଥିବା ମଦରଙ୍ଗାଯୋଡ଼ି ସ୍କୁଲରେ ୧ମ ରୁ ୮ମ ଶ୍ରେଣୀ ଯାଏ ୮ଟି ଶ୍ରେଣୀରେ ମାତ୍ର ୪ ଜଣ ଶିକ୍ଷକ ଅଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ତେଣୁ ଏହି ସବୁ ସ୍କୁଲକୁ ଶିକ୍ଷକ ଯୋଗାଇ ଦେବାକୁ ଅଭିଭାବକମାନେ ଦାବି କରିଥିଲେ। ଜିଲା ଶିକ୍ଷା ଅଧିକାରିଣୀ ଗୌରିରାଣୀ ନାୟକ କହିଛନ୍ତି, ଡେପୁଟେସନରେ ଯାଇଥିବା ଶିକ୍ଷକଙ୍କୁ ଫେରାଇ ଆଣିବାକୁ ସେମାନେ ଦାବି କରିଥିଲେ। ତେବେ ଉକ୍ତ ଶିକ୍ଷକଙ୍କୁ ଫେରାଇ ଆଣିବାକୁ କୁହାଯାଇଛି।

## ଶ୍ରୀଜଗନ୍ନାଥ ସମବାୟ ସମିତିରେ ଖୋଲିଲା ଧାନ ମଣ୍ଡି

ଧାମନଗର,୫।୧(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକର ଭଗବାନପୁର ପଞ୍ଚାୟତ ଶ୍ରୀଜଗନ୍ନାଥ ସେବା ସମବାୟ ସମିତିରେ ଧାନ ମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ତହସିଲଦାର ଦୀପକ କୁମାର ଦାଶ ଏବଂ ଅନ୍ୟତମ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଭାସ୍କର ଚନ୍ଦ୍ର ଦାସ, ବିବିସିସିବି ଧାମନଗର ଶାଖା ପରିଚାଳକ ଧନୁର୍ଦ୍ଧର ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ଦାସ, ରାଜସ୍ୱ ନିରୀକ୍ଷକ ମନୋରମା ଧଳ ପ୍ରମୁଖ ଯୋଗ ଦେଇଥିଲେ। ଭିଏଲ୍‌ଡବ୍ଲ୍ୟୁ ଅଜୟ କୁମାର ଦାସ, ବୋର୍ଡ ସଭାପତି ଅଭିମନ୍ୟୁ ସ୍ୱାଇଁଙ୍କ ସମେତ ସମସ୍ତ ବୋର୍ଡ ନିର୍ଦ୍ଦେଶକ ଓ ଚାଷୀମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ସର୍ବମୋଟ ୫୮୯ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କ୍ରୟ କରିବାକୁ ଥିବାବେଳେ ସପ୍ତାହକୁ ୪ ଦିନ ସୋମବାର, ବୁଧବାର, ଶୁକ୍ରବାର ଓ ଶନିବାର ଧାନ କିଣାଯିବ ବୋଲି ସମ୍ପାଦକ ପ୍ରକାଶ ରାଉତ କହିଛନ୍ତି। ସମିତିର କର୍ମଚାରୀ ଶ୍ରୀଧର ବେହେରା, କିଶୋର ଚନ୍ଦ୍ର ଦାଶ, ଅଭିଜିତ ସ୍ୱାଇଁ, ବଟକୃଷ୍ଣ ରାଉତ, ନୀଳମଣି ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ରଢ଼ ନିଆଁରେ ଚାଲିଲେ ମାନସିକଧାରୀ



ମାନସିକଧାରୀ ନିଆଁରେ ଚାଲୁଛନ୍ତି।

ପାଟଣା,୫।୧(ବୀର କିଶୋର ଦାଶ)

## ଠାକୁରାଣି ଓଷା ଉଦ୍‌ଯାପିତ

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସ୍ୱାମ ନାଏକ ସାହିରେ ଶୁକ୍ରବାର ସୁନା ମୁଖୀ ଠାକୁରାଣୀପୀଠରେ ବାର୍ଷିକ ଠାକୁରାଣି ଓଷା ଉଦ୍‌ଯାପିତ ହୋଇଯାଇଛି। ସପ୍ତାହେ ବ୍ୟାପି ଚାଲିଥିବା ଓଷାରେ ଦେହୁରୀ ଫକିର ଚରଣ ନାଏକ ଠାକୁରାଣୀଙ୍କ ନୀତିକାନ୍ତିରେ ପୂଜା ପାଠ କରୁଥିଲେ। ଉଦଯାପନୀ ଉତ୍ସବରେ ରାଜନ ପଲେଇ ଗାହାଣିଭାବେ ଠାକୁରାଣୀ ଗୀତ ବୋଲିଥିଲେ। ପରେ ମାନସିକଧାରୀ କାଳୀସିମାନେ କଣ୍ଟା କଠଉ ପିନ୍ଧି ଚାଲିବା, କଣ୍ଟା ପିଢ଼ାରେ ବସିବା, ଚାବୁକ ପ୍ରହାର ଖାଇବା ସହ ରଢ଼ ନିଆଁରେ ଚାଲିଥିଲେ। ଚଳିତ ବର୍ଷ ୩ଟି ଅଗ୍ନିକୁଣ୍ଡ (ଖଦା)ରେ ମାନସିକ ଧାରୀମାନେ ଚାଲିଥିଲେ। ପୀଠରେ ବୋଦା ଓ କୁକୁଡ଼ା ବଳି ପଡିଥିଲା। ଶେଷ ଘରକୁ ଘର ଗାଁ ଦାଣ୍ଡରେ ଠାକୁରାଣୀକୁ ବୁଲାଇ ମୁଆଁ, ପଣା ଓ ବିଭିନ୍ନ ଫଳ ଭୋଗ ଦେଇ ଗାଁ ମୁଣ୍ଡ ନାଳରେ ଠାକୁରାଣୀଙ୍କୁ ବିସର୍ଜନ କରାଯାଇଥିଲା। କାଳୀସି ଭାବେ କୁହ୍ଲିଆ ନାଏକ, କନ୍ଦର୍ପ ନାଏକ, ଦିନବନ୍ଧୁ ନାଏକ, ତିରୁ ନାଏକ, ଫକୀର ନାଏକ, ଅଗ୍ନି କୁଁଆରୀ ଭାବେ ବିଚିତ୍ର ନାଏକ, ପ୍ରଶାନ୍ତ ନାଏକ, ଟୁରୁ ନାଏକ, ଦେଶୁଆ ନାଏକ, ଝୁଙ୍ଗୁଡୁ ନାଏକ, ରଙ୍ଗା ନାଏକ, ଫୁନୁ ନାଏକ, ସେହେନସା ନାଏକ, ଶ୍ରୀକାନ୍ତ ମହାରଣା ଓ ମିଛୁଆ ନାଏକ ପ୍ରମୁଖ ଅଲୌକିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। କ୍ଷେତ୍ରବାସୀ ନାଏକ, ଦିନବନ୍ଧୁ ନାଏକ, କୈଳାଶ ନାଏକ, ରାଜେନ୍ଦ୍ର ନାଏକ, ଦାମଦୋର ନାଏକ ପ୍ରମୁଖ ପରିଚାଳନା କରିଥିଲେ।

# ଜୀବନର ପ୍ରମୁଖ ଆଧାର ବିଜ୍ଞାନ ହେବା ଉଚିତ

ବାରିପଦା,୫।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୩୦ ଜିଲାର ୧୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟ ଅତିଥିଭାବରେ ଯୋଗଦେଇ ଉଦ୍‌ଘାଟନ କରି ଜୀବନର ପ୍ରମୁଖ ଆଧାର ବିଜ୍ଞାନ ହେବା ଉଚିତ୍ ବୋଲି ପରାମର୍ଶ ଦେଇଛନ୍ତି।

ସ୍ୱତନ୍ତ୍ର ଅତିଥିଭାବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥେ ଏସ, ସମ୍ମାନିତ ଅତିଥି ଭାବରେ ମୟୂରଭଞ୍ଜ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ଜିଲାପାଳ ବିନୀତ ଭରଦାଜ, ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶାର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ ସଭାପତିତ୍ୱ କରିଥିଲେ। ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଯୋଗଦାନ କରିଥିବା ସମସ୍ତ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିବା ପାଇଁ ଏକ ବିଜ୍ଞାନ ଭିତ୍ତିକ ଜିଜ୍ଞାସା ଏବଂ କୌଶଳୀ ପେଭିଲିଅନ ପ୍ରସ୍ତୁତ କରାଯାଇଛି। କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ଼. ପ୍ରଶାନ୍ତ ମହାନ୍ତି, ନିତ୍ୟାନନ୍ଦ ବାରିକ, ଦିପ୍ତୀ ନାୟକ, ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଜିଲା ଶାରିରୀକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ସମସ୍ତ ବିଇଓ, ଏବିଇଓ, ସିଆର୍‌ସିସି, ସମସ୍ତ ବାଲ ବୈଜ୍ଞାନିକ ପ୍ରଦର୍ଶନୀର ସଦସ୍ୟ, ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ମନମୋହନ ହେମ୍ବ୍ରମ, ମଧୁସ୍ମିତା ଗିରି, ବାସନ୍ତୀ ଟୁଡୁ, ଅମିତାଭ ମିଶ୍ର, ସପନ ପୃଷ୍ଟି, ଶୈଳବାଳା ବେହେରା, ମୌସୁମୀ ଦିକ୍ଷିତ୍, ଭାଗ୍ୟଶ୍ରୀ ହୋତା, ମୌସୁମୀ ଦେ, ରଞ୍ଜନ ନନ୍ଦ, ନିପସା ପଟ୍ଟନାୟକ, କନକ ଲତା ମାଝୀ, ସଂଗ୍ରାମ କେଶରୀ ପାତ୍ର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

# ଆଜିଠୁ ଡ୍ରାଇଭର ସଂଘର ଆନ୍ଦୋଳନ

ମୋରଡ଼ା/ବାଙ୍ଗିରିପୋଷି, ୫।୧ (ସ୍ୱାରକ ମାଜୀ/ ସଞ୍ଜୟ କୁମାର ଅଗ୍ରୱାଲା)

କେନ୍ଦ୍ର ସରକାରଙ୍କ ନୂତନ ମୋଟରଯାନ ଆଇନକୁ ବିରୋଧ କରି ଓଡ଼ିଶା ଡ୍ରାଇଭର ମହାସଂଘର ନିଷ୍ପତ୍ତିକ୍ରମେ ଶନିବାରଠାରୁ ସାରା ରାଜ୍ୟରେ କାର୍ଯ୍ୟରତ ଡ୍ରାଇଭରମାନେ ଆନ୍ଦୋଳନ କରିବା ସହ ଧାରଣା ଦେବେ। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଶାଖାର ଡ୍ରାଇଭରମାନେ ଚିତ୍ରଡ଼ା ଶୀର୍ଷାପାଳ ଛକ ନିକଟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତାପାର୍ଶ୍ୱରେ ଧାରଣା ଦେବେ। ଏନେଇ ସଂଘର ସଦସ୍ୟ ଏସ୍.କେ. ଆନ୍ନାତଉଲ୍ଲା, ହରିପଦ ମହାନ୍ତ, ଅରୁଣ ହାଁସଦା, ପ୍ରଦୀପ କୁମାର ମହାନ୍ତ, ସୀତାକାନ୍ତ ବେହେରା, ମଧୁସୂଦନ ମହାନ୍ତି, ସୁଶାନ୍ତ ମହାନ୍ତ, ଦେବବ୍ରତ ମହାନ୍ତ, କାର୍ତ୍ତିକ ମହାନ୍ତ ପ୍ରମୁଖ ଶୁକ୍ରବାର ସନ୍ଧ୍ୟାରେ ମୋରଡ଼ା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସେହିପରି ବାଙ୍ଗିରିପୋଷି ଡ୍ରାଇଭର ମହାସଂଘ ସଭାପତି ସନାତନ ରଣାଙ୍କ ନେତୃତ୍ୱରେ ୪୯ ନଂ. ଜାତୀୟ ରାଜପଥରେ ଧାରଣା ଜାରି ରହିବ ବୋଲି ଉପସଭାପତି ଜମୀର, ଉପଦେଷ୍ଟା ଭବାନୀ ପ୍ରସାଦ ମହାନ୍ତଙ୍କ ସହ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତର ଡ୍ରାଇଭର ସଂଘର ସଦସ୍ୟମାନେ ବାଙ୍ଗିରିପୋଷି ଥାନାରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ବାଙ୍ଗିରିପୋଷି ଥାନା ଅଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଡ୍ରାଇଭରମାନେ।

# 'ସାଧନାକୁ ସିଦ୍ଧିରେ ରୂପାନ୍ତରିତ କରେ ଶିକ୍ଷାନୁଷ୍ଠାନ'

## ଅଟଳ ବିହାରୀ ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ସମାରୋହ

ବାସୁଦେବପୁର, ୫।୧
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ସମାରୋହ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ସନ୍ଧ୍ୟାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ନ୍ୟାଶନାଲ ମନୁମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆର ଚେୟାରମ୍ୟାନ ପ୍ରଫେସର କିଶୋର କୁମାର ବସା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ସେମାନଙ୍କ ବିଦ୍ୟାଳୟ ପାଖରେ ଚିର ଋଣୀ ହୋଇ ରହିବା ଉଚିତ। ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କୁ ନିୟନ୍ତ୍ରିତ କରିବା ସହ ସେମାନଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବା ସହ ସାଧନାକୁ ସିଦ୍ଧିରେ ରୂପାନ୍ତରିତ କରେ ବୋଲି ସେ ବତବ୍ୟକ୍ତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

କରିଥିଲେ। ଇରମକୁ ଜାତୀୟ ପର୍ଯ୍ୟଟନ ସ୍ଥଳର ମାନ୍ୟତା ସମ୍ପର୍କରେ ତାଙ୍କ ଦୃଷ୍ଟିକୁ ନିଆଯାଇଥିବା ବେଳେ ଏ ଦିଗରେ ସେ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ପ୍ଲାଟିନମ୍ ଜୁବିଲି ଅଭ୍ୟର୍ଥନା କମିଟିର ଚେୟାରମ୍ୟାନ ତଥା ରାଜ୍ୟ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ପ୍ରଫେସର ଅମୀୟ କୁମାର ପଟ୍ଟନାୟକ ଏବଂ ଅନ୍ୟତମ ଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଗବେଷକ ଗଣେଶ୍ୱର ସ୍ୱାଇଁ, ପ୍ରଧାନଶିକ୍ଷକ ପଦ୍ମନାଭ ଦାଶ, କମିଟି ସମ୍ପାଦକ କିଶୋର କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୁରାତନ ଛାତ୍ରସଂସଦ ସଭାପତି ତଥା ଜୟନ୍ତୀ କମିଟି ସଭାପତି ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଗୋପାଳ ଚନ୍ଦ୍ର ମହାକୁଡ଼।

ଏହି ଅବସରରେ ପୂର୍ବାହ୍ନରେ ଅଭ୍ୟର୍ଥନା କମିଟିର ଚେୟାରମ୍ୟାନ ପଟ୍ଟନାୟକ ଓ ବୟୋଜ୍ୟେଷ୍ଠ ଶିକ୍ଷକ ନିରଞ୍ଜନ ପଣ୍ଡା ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଅଟଳ ବିହାରୀ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମଧ୍ୟାହ୍ନରେ ବନ୍ଧୁମିଳନ ପର୍ବରେ ପୁରାତନ ଛାତ୍ରମାନେ ସେମାନଙ୍କ ଅଭିଭାଷଣ ରଖିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଭାଗୀରଥି ପଲେଇ ଧନ୍ୟବାଦ ଦେଇଥିଲେ। ପୁରାତନ ଛାତ୍ର ତଥା ଅଧ୍ୟକ୍ଷ କୃପାସିନ୍ଧୁ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରାତନ ଶିକ୍ଷକ, ପ୍ରଧାନଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷ ବନମାଳୀ କୁଅଁର ଧନ୍ୟବାଦ ଦେଇଥିଲେ।

## ପରିତ୍ୟକ୍ତ ଗୃହରୁ ୭ ଫୁଟ୍‌ର ଅଜଗର ଉଦ୍ଧାର

ବଡବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡବିଲ-ନାଲଦା ରାଜ୍ୟ ରାଜପଥର ପାଲହଟିଂ ନିକଟସ୍ଥ କୋହଲି ଇଞ୍ଜିନିୟରିଂ ପରିସରରେ ଥିବା ଏକ ପରିତ୍ୟକ୍ତ ଗୃହରୁ ଗୁରୁବାର ସନ୍ଧ୍ୟାରେ ଏକ ୭ ଫୁଟ୍ ଲମ୍ବର ଅଜଗର ବନ ବିଭାଗ ଉଦ୍ଧାର ହୋଇଛି। ପରେ ବନ କର୍ମଚାରୀ ଅଜଗରଟିକୁ ନିକଟସ୍ଥ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ ସୁରକ୍ଷିତ ଅବସ୍ଥାରେ ଛାଡ଼ି ଦେଇଥିବା ଜଣାପଡ଼ିଛି।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ୫ଟି ଅଧକ୍ଷଙ୍କ ବାଲେଶ୍ୱର ଗସ୍ତ, ସ୍ଥାନ: ପୋଲିସ ରିଜର୍ଭ ପଡ଼ିଆ, ସମୟ: ୧୦ଟା
- ସାଧାରଣତନ୍ତ୍ର ଦିବସ-୨୦୨୪ ପାଳନର ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ଣ ୫ଟା ୩୦ ମିନିଟ୍।

# କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ଦାବି ତେଜିଲା

## ଫେବୃଆରୀ ୨୮ରେ ଅଧିକାର ସମାବେଶ

ବାରିପଦା,୫ା୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



କୁଡୁମୀ ଜାତିକୁ ପୁନଃ ଆଦିବାସୀ ମାନ୍ୟତା ଦାବି ତେଜିବାରେ ଲାଗିଛି। ଏନେଇ ମୟୂରଭଞ୍ଜ ଜିଲା ବାରିପଦା ମଧୁବନଠାରେ କୁଡୁମୀ ସେନାର ସାଙ୍ଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ମାନ୍ୟତା ଦାବିରେ ଆନ୍ଦୋଳନ ହେବା ନେଇ ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଥିବା ଆହୁତ ଖବରଦାତା ସମ୍ମିଳନୀରେ କୁଡୁମୀ ସେନାର ରାଜ୍ୟ ସଭାପତି ଜୟମୁନି ମହାନ୍ତ କହିଛନ୍ତି। ଆସନ୍ତା ଫେବୃଆରୀ ୨୦ ସୁଦ୍ଧା କେନ୍ଦ୍ର ସରକାର କୁଡୁମୀ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଘୋଷଣା ନ କଲେ ୨୮ରେ କୁଡୁମୀ ସେନା ପକ୍ଷରୁ ବାରିପଦାଠାରେ ଅଧିକାର ସମାବେଶ କରି ହରତାଳ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଏହି ସମ୍ପ୍ରଦାୟକୁ ୧୯୫୦ ସେପ୍ଟେମ୍ବର ୬ରୁ ଆଦିବାସୀ ତାଲିକାରୁ ବାଦ୍ ଦିଆଯାଇଛି। ପରେ ପୁନଃ ଆଦିବାସୀ ତାଲିକାଭୁକ୍ତ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ପୂରଣ ହୋଇନାହିଁ। କେନ୍ଦ୍ର ସରକାରଙ୍କ ନିକଟକୁ କୁଡୁମୀ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପ୍ରଦାନ ପାଇଁ ରାଜ୍ୟ ସରକାର ସୁପାରିସ କରିବା ପାଇଁ କୁଡୁମୀ ସେନା ପକ୍ଷରୁ ନିବେଦନ କରାଯାଇଛି। ତେବେ କେନ୍ଦ୍ର ସରକାର କୁଡୁମୀଙ୍କୁ ଆଦିବାସୀ ମାନ୍ୟତା ସହ କୁଡୁମାଲି ଭାଷାକୁ ସମ୍ବିଧାନରେ ସାମିଲ କରିବା ନେଇ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ରାଜ୍ୟର କୁଡୁମୀ ସମ୍ପ୍ରଦାୟର ଲୋକେ ବାରିପଦାଠାରେ ଏକାଠି ହୋଇ ବିରାଟ ହରତାଳ କରି ହୁଡ଼କା ଜାମ କରିବେ ବୋଲି ସେନାର ରାଜ୍ୟ ସଭାପତି ପ୍ରକାଶ କରିଛନ୍ତି। ଏଥିପାଇଁ କୁଡୁମୀ ସେନାର ଶତାଧିକ ମହିଳା ଓ ପୁରୁଷ କର୍ମକର୍ତ୍ତାଙ୍କୁ ନେଇ ସାଙ୍ଗଠନିକ ବୈଠକରେ ହରତାଳର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଛି। ସଙ୍ଗଠନର ପ୍ରମୁଖମାନେ ଉପସ୍ଥିତ ଥିଲେ। ଆଦିବାସୀ ମାନ୍ୟତା ପାଇଁ ଆଗକୁ ଜିଲାରୁ ଆରମ୍ଭ କରି ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଭାପତି କହିଛନ୍ତି।

# ବିଜେଡିରେ ମିଶିଲେ ଭାଜପା ନେତା ସତ୍ୟାନନ୍ଦ

ବାଲେଶ୍ୱର, ୫ା୧(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଆଇଟିଆଇସ୍ଥିତ ବିଜେଡି କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ତଥା ନୂଆ ଓଡ଼ିଶା, ନବୀନ ଓଡ଼ିଶା ଗଠନରେ ନିଜକୁ ସାମିଲ ହେବାର ଲକ୍ଷ୍ୟ ନେଇ, ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନାଙ୍କ ନେତୃତ୍ୱରେ ବାଲିଆପାଳ ଭାଜପାର ଜଣେ ବରିଷ୍ଠ ନେତା ତଥା ଉଗରା ପଞ୍ଚାୟତ ସରପଞ୍ଚ ସତ୍ୟାନନ୍ଦ ମହାନ୍ତି ନିଜର ସମର୍ଥକମାନଙ୍କ ସହ ଭାଜପା ଛାଡ଼ି ବିଧିବଦ୍ଧ ଭାବରେ ବିଜେଡିରେ ସାମିଲ ହୋଇଛନ୍ତି।

ଜିଲା ବିଜେଡି ସଭାପତି ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ବସ୍ତା ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ରଣଜିତ୍ କୁମାର ମହାପାତ୍ରଙ୍କ ସମେତ ଦଳୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ସେମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରାଯାଇଥିଲା। ବିଜେଡିରେ ସେମାନଙ୍କ ଯୋଗଦାନ ବସ୍ତା ନିର୍ବାଚନ ମଣ୍ଡଳୀରେ ଦଳକୁ ତୃଣମୂଳ ସ୍ତରରୁ ଆହୁରି ସଶକ୍ତ ଓ ସୁଦୃଢ଼ କରିବ ବୋଲି ସଭାପତି ଜେନା ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ଜିଲା ଉପସଭାପତି ସୁବ୍ରତ କୁମାର ପଣ୍ଡା, ଦେବ କୁମାର ଦେ, ଜିଲା ସାଧାରଣ ସମ୍ପାଦକ ଚକ୍ରଧର ଗିରି, ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବସ୍ତା ବ୍ଲକ ସଭାପତି ଅନୀଲ କୁମାର ମହାନ୍ତି, ଜିଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସ ମହାପାତ୍ର ଏବଂ ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀ ବିଜେଡି ନେତୃବୃନ୍ଦଙ୍କ ସହ ଯୋଗ ଦେଇଥିବା ନେତା।

# ବାଇକ୍ ଧକ୍କାରେ ହିନ୍ଦୀ ଶିକ୍ଷକଙ୍କ ମୃତ୍ୟୁ

ପାଟଣା,୫ା୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପଶି ପଞ୍ଚାୟତ ଶିଳିଦା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଶୁକ୍ରବାର ଏକ ବାଇକ ଧକ୍କାରେ ଜଣେ ହିନ୍ଦୀ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତ ଶିକ୍ଷକ ଜଣକ ହେଉଛନ୍ତି ସାହାରପଡ଼ା ବ୍ଲକ୍ ବେଗେନା ଗ୍ରାମର ରଜତ କୁମାର ସେଠୀ(୫୮)। ସେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗଦେବା ପାଇଁ ଆସୁଥିଲେ। ସମ୍ମୁଖ ଭାଗରୁ ସିଲିଦା ଗ୍ରାମର ଆଦିତ୍ୟ ସେଠୀ ଏକ ବାଇକରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ରଜତ ଗୁରୁତର ହୋଇଥିଲେ। ବିଦ୍ୟାଳୟ କର୍ମଚାରୀ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୬/୨୪) ଦୁର୍ଘଟଣା ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି। କେନ୍ଦୁଝର ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଥିବା ଏଏସ୍‌ଆଇ ନରେଶ ଓରାମ କହିଛନ୍ତି।

# କେନ୍ଦ୍ର ସରକାରଙ୍କ ପରିବହନ ନୀତି ବିରୋଧରେ ପ୍ରତିବାଦ ସଭା

ଜଳେଶ୍ୱର, ୫ା୧(ନବୀନ ସାହୁ)- ଜଳେଶ୍ୱର ଷ୍ଟେଶନ ଛକଠାରେ ଗତ ପାର୍ଲାମେଣ୍ଟ ଅଧିବେଶନରେ କେନ୍ଦ୍ର ସରକାର ସମଗ୍ର ପରିବହନ ସଂସ୍ଥା ପାଇଁ ଯେଉଁ କଳା ଆଇନ ଆଣିଛନ୍ତି ତାହାକୁ ତୁରନ୍ତ ପ୍ରତ୍ୟାହାର ଦାବି କରି ଗୁରୁବାର ସୁବାଷ ବୋଷ ଅଟୋ ଡ୍ରାଇଭର ଓ ଜଗନ୍ନାଥ ଅଟୋ ଡ୍ରାଇଭର ଶ୍ରମିକ ସଂଘ ପକ୍ଷରୁ ପ୍ରତିବାଦ ସଭା ଆୟୋଜିତ ହୋଇଛି। ଜୀବନ ଜୀବିକା କଥାକୁ ସରକାର ବିଚାର ନ କରି ଧର୍ମ ନାମରେ ଶସ୍ତା ରାଜନୀତି କରାଯାଉଛି। ସିଆଇଟିୟୁର ପଲଟୁ ଦାସଙ୍କ ସଭାପତିତ୍ୱରେ ଶ୍ରମିକ କୃଷକ ସମନ୍ୱୟ ସମିତିର ସଭାପତି ଦିଲୀପ କୁମାର ଗିରି, ଜିଲା ନେତୃତ୍ୱ ରାଜକିଶୋର ଲେଙ୍କା, ସରପଞ୍ଚ ଦିଲୀପ ପରିଡ଼ା, ଗଣେଶ ପାତ୍ର, ସାମାଜିକ କର୍ମୀ ସେକ୍, ହାସିରୁଦ୍ଦିନ ବକ୍ସ, ସବିତା ଭୂୟାଁ ଓ ଡ୍ରାଇଭର ସଂଘର ମଦନ ମାହାଲି, ସେକ ଜମିରୁଦ୍ଦିନ, ସେକ ସୀତାରୁଦ୍ଦିନ, ଆଜାଦ ଖାଁ, ସେକ ନସିସ୍, ସେକ ସଦାମ, ଅଶୋକ ଘଳେଇ, ନିର୍ମଳଗିରି, ଖଗେନ୍ଦ୍ର ମହୁରୀ, ସେକ କାଲୁ, ସେକ ନାଲୁ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି କଳା ଆଇନ ପ୍ରତ୍ୟାହାର ନ ନେଲେ ଆଗାମୀ ଦିନରେ ଷ୍ଟିଅରିଂ ଛାଡ଼ ତଥା ଆନ୍ଦୋଳନକୁ ବ୍ୟାପକ କରାଯିବା ସହ ରାଜରାସ୍ତାକୁ ଓହ୍ଲାଇବାର ଚେତାବନୀ ଦେଇଛି ସିଆଇଟିୟୁର କର୍ମକର୍ତ୍ତା।

# 'ଶିକ୍ଷା ସହ ସଂସ୍କୃତିକୁ ଗୁରୁତ୍ୱ ଦେଲେ ସୁସ୍ଥ ସମାଜ ନିର୍ମାଣ ହେବ'



ମଞ୍ଚରେ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ମାନସ କୁମାର ଜେନା, ପୌର ଅଧ୍ୟକ୍ଷ ପ୍ରତୀପ କୁମାର ଜେନା, ତହସିଲଦାର ସଞ୍ଜୟ କୁମାର ପଣ୍ଡା, ଜିଲା ପରିଷଦ ସଦସ୍ୟା ମିନତୀ ଜେନା ଓ ସରପଞ୍ଚ ଶମ୍ଭୁନାଥ ଜେନା।

ଜଳେଶ୍ୱର, ୫ା୧(ରବିନାରାୟଣ ପାତ୍ର)

## ରାମକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ଜଳେଶ୍ୱର ବ୍ଲକର ପଶ୍ଚିମବାର୍ଡ଼ସ୍ଥିତ ରାମକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ୩ଦିନ ଧରି ଚାଲିବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁକ୍ରବାର ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଛନ୍ତି। ବିଦ୍ୟାଳୟର ପୂର୍ବତନ ଛାତ୍ର ରବୀନ୍ଦ୍ର ନାଥ ରାୟ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ଶିକ୍ଷା ସହିତ ସଂସ୍କୃତିକୁ ଗୁରୁତ୍ୱ ଦେଲେ ଭବିଷ୍ୟତର ନାଗରିକମାନେ ଏକ ସୁସ୍ଥ ସମାଜ ଗଠନ କରିପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର କେଦାରନାଥ ମହାନ୍ତି ଯୋଗଦେଇ ମଣିଷମାନେ ଉଚ୍ଚ ଡିଗ୍ରୀଧାରୀ ହୋଇଥିବାରୁ ଭଲ ମଣିଷ ସୃଷ୍ଟି କରାଯିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ପୌର ଅଧ୍ୟକ୍ଷ ପ୍ରତୀପ କୁମାର ଜେନା, ତହସିଲଦାର ସଞ୍ଜୟ କୁମାର ପଣ୍ଡା, ଜିଲା ପରିଷଦ ସଦସ୍ୟା ମିନତୀ ଜେନା, ସରପଞ୍ଚ ଶମ୍ଭୁନାଥ ଜେନା ପ୍ରମୁଖ ବକ୍ତବ୍ୟ ଦେଇ ବିଦ୍ୟାଳୟର ପୂର୍ବ ସ୍ମୃତି ସମ୍ପର୍କରେ କହିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନୁଶ୍ରୀ ସାହୁ ବିବରଣୀ ପାଠ କରିଥିବା ବେଳେ ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ହୃଷିକେଶ ବାନାର୍ଜୀ ଓ ଦାତା ଜନାର୍ଦ୍ଦନ ଅଣ୍ଡିଆ ବିଦ୍ୟାଳୟ ପ୍ରତିଷ୍ଠା ସମୟର ବହୁ ବାଧାବିଘ୍ନ ସମ୍ପର୍କରେ ବଖାଣିଥିଲେ। ମୁଖ୍ୟଅତିଥି ବିଦ୍ୟାଳୟର ମୁଖପତ୍ର ଚିରନ୍ତନୀକୁ ଉନ୍ମୋଚନ କରିଥିଲେ। ସୁକୁମାର ମିଶ୍ର ମଞ୍ଚ ସଂଚାଳନ କରିଥିଲେ।

# ବିଦ୍ୟାଳୟର ବାର୍ଷିକୋତ୍ସବ

ବଡ଼ସାହି, ୫ା୧ (ସମ୍ବିତ କୁମାର ରାଉତ)

ବଡ଼ସାହି ବିବେକାନନ୍ଦ ବିହାରସ୍ଥିତ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଇଂଲିଶ ମାଧ୍ୟମ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଶିକ୍ଷକ ଦେବରାଜ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷକ ଦୀପକ କୁମାର ପାତ୍ର ଶିଶୁମାନଙ୍କୁ ଇଂଲିଶ ଭାଷା ସାହିତ୍ୟ ଓ ଭାରତୀୟ ସଂସ୍କୃତିରେ ବିଶେଷ ଭାବେ ଉଦ୍‌ବୁଦ୍ଧ କରାଇବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ସମିତିସଭ୍ୟ ନିହାର ରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ଶିକ୍ଷକନେତା ରାଜେନ୍ଦ୍ର କୁମାର ଜେନା ଓ କବି ରତିକାନ୍ତ ବେହେରା ଯୋଗ ଦେଇଥିଲେ। ପ୍ରିନ୍ସିପାଲ ଦୀପକ କୁମାର ଦାସ ବାର୍ଷିକ ବିବରଣୀ ଓ ଅନୁଷ୍ଠାନର ସଞ୍ଚାଳିକା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ଡ. କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମିସ୍ ମଧୁସ୍ମିତା ବାରିକ ଓ ମିସ୍ ଗେହ୍ଲମଣି ବେହେରାଙ୍କ ଦ୍ୱାରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ବ୍ୟାନର ଚିରା ପରମ୍ପରା ବନ୍ଦ ହେଉ'

ଖଇରା, ୫ା୧(ଉତ୍କଳବନ୍ଧୁ ପଣ୍ଡା)



ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀରେ ଏବେ ରାଜନୈତିକ ଦଳ ନେତୃବୃନ୍ଦଙ୍କ ବ୍ୟାନର ଚିରା ଘଟଣାକୁ ବିଭିନ୍ନ ଦଳ ଓ ସଙ୍ଗଠନ ପକ୍ଷରୁ କଡା ଭାଷାରେ ନିନ୍ଦା କରାଯାଇଛି। ଶୁକ୍ରବାର ସିମୁଳିଆ ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଖୋହଳଭଉଣୀଠାରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଖବରଦାତାଙ୍କୁ ନିଜର ପ୍ରତିକ୍ରିୟା ଦେଇ ବର୍ତ୍ତମାନ ଖଇରା ସିମୁଳିଆରେ ପୋଷ୍ଟର ବ୍ୟାନର ଚିରା ଭଳି କଳଙ୍କିତ ଅଧ୍ୟାୟ ଆରମ୍ଭ ହୋଇଛି। ଯେଉଁ ଦଳର କର୍ମୀ କି ନେତା ଏହି କାର୍ଯ୍ୟରେ ଲିପ୍ତ ଥାଆନ୍ତୁ ନା କାହିଁକି ଏହା ନିଶ୍ଚିତ ନିନ୍ଦନୀୟ ଘଟଣା। ଏହାକୁ କଂଗ୍ରେସ ଦଳ ତୀବ୍ର ନିନ୍ଦା କରୁଛି। ଲଢେଇ ବିଚାରାଧାରାରେ ହେଉ ଏବଂ ବ୍ୟକ୍ତିଗତ ଆକ୍ରୋଶମୂଳକ ହେବା ଉଚିତ ନୁହେଁ ବୋଲି କହିଛନ୍ତି। ଏଥିସହ ୨୦୨୪ ନବବର୍ଷରେ ସେ କଂଗ୍ରେସ ଦଳକୁ ମଜଭୁତ୍ କରିବାକୁ କଠିନ ପରିଶ୍ରମ କରିବେ ଏବଂ ଖଇରା ସିମୁଳିଆର ୨୦ହଜାର ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ କିଭଳି ରୋଜଗାରକ୍ଷମ କରାଯାଇପାରିବ ତାକୁ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ମଙ୍ଗଳବାର ରାତିରେ ଖଇରା ବ୍ଲକର ବାରପୁର ଛକରୁ ଗରସଙ୍ଗ ରାସ୍ତାକଡରେ ଲଗାଯାଇଥିବା ଭାଜପା ମୁଖପାତ୍ର ଠାକୁର ରଞ୍ଜିତଦାସଙ୍କ ବ୍ୟାନର ଓ କଟଆଉଟକୁ କେହି ବ୍ଲେଡରେ କାଟି ଦେଇଥିବା ଦେଖିବାକୁ ମିଳିଥିଲା।

# ୧୯୮୧ ବ୍ୟାଚ୍‌ର ବନ୍ଧୁମିଳନ

ଭଦ୍ରକ,୫ା୧(ରବିନାରାୟଣ ଖିଲାର)- ଭଦ୍ରକ ରାମଚନ୍ଦ୍ର ବିହାରୀଲାଲ ଉଚ୍ଚ ବିଦ୍ୟାଳୟର ୧୯୮୧ ବ୍ୟାଚ୍ ଛାତ୍ର କମିଟିର ଆବାହକ ସଞ୍ଜୟ ତ୍ରିପାଠୀଙ୍କ ଉଦ୍ୟମରେ ହଦଗଡ଼ଠାରେ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଗଡ଼ଚଣ୍ଡୀ ମନ୍ଦିର ଦର୍ଶନ ସହ ହଦଗଡ଼ରେ ଏକ ବଣଭୋଜି ଆୟୋଜନ କରାଯାଇଥିଲା। କୁଞ୍ଜ ପଲାଇ, ଶଙ୍କର ଧଳ, ଶଶୀ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ମହାନ୍ତି, ଅକ୍ଷୟ ଦାସ, ପ୍ରଭାକର ଦାସ, ଅଜୟ ନାୟକ, ମନୋଜ ଦାସ, ବ୍ରିଜ୍ ବିହାରୀ ଶର୍ମା, ସତ୍ୟ ପ୍ରକାଶ ମହାପାତ୍ର, କମଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆବାହକ ସଞ୍ଜୟ, ପୂର୍ବତନ ବିଧାୟକ ନରେନ ପଲାଇଙ୍କ ସମେତ ପ୍ରମୋଦ ଲାଖାନୀ, ଅଶୋକ ଲାଖାନୀ, ରତନ ଗୁପ୍ତା ଓ ବୁଲୁ ମହାନ୍ତି ପରିଚାଳନା କରିଥିଲେ।

# 'ଭଦ୍ରକର ବହୁ ସାଧକଙ୍କ ପରିଚୟ ଓଡ଼ିଆ ସାରସ୍ୱତ ଜଗତକୁ ସମୃଦ୍ଧ କରିଛି'

ଭଦ୍ରକ,୫ା୧(ରବିନାରାୟଣ ଖିଲାର)

ଭଦ୍ରକ ଭାଇଚାରାର ସହର। କେବଳ ଓଡ଼ିଶାରେ ନୁହେଁ ଦେଶରେ ମଧ୍ୟ ଅନନ୍ୟ ପରିଚୟ ସୃଷ୍ଟି କରିଛି ଭଦ୍ରକ ସହର। ଜାତୀୟ ସ୍ୱାଧୀନତା ସଂଗ୍ରାମ, ରାଜନୀତି, ସାହିତ୍ୟ, ସଂସ୍କୃତି, ନାଟକ, କଳା, ବାଣିଜ୍ୟ ଆଦି ବହୁ କ୍ଷେତ୍ରରେ ଭଦ୍ରକର ଅବଦାନ ଅତୁଳନୀୟ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଡ. ହରେକୃଷ୍ଣ ମହତାବଙ୍କ ପରି ଭଦ୍ରକର ବହୁ ସାରସ୍ୱତ ସାଧକଙ୍କ ପରିଚୟ ଓଡ଼ିଆ ସାରସ୍ୱତ ଜଗତକୁ ସମୃଦ୍ଧ କରିଛି ବୋଲି ଭଦ୍ରକ ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ସହର ଗାନ୍ଧୀପଡ଼ିଆରେ ଚାଲିଥିବା ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ ଆସିଷ୍ଟାଣ୍ଟ କଲେକ୍ଟର ସୁଧାଂଶୁ ମୋହନ ସ୍ୱାଇଁ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ଶଶିକଳା ମିଶ୍ର, ଶୁଭ୍ରସ୍ମିତା ରାଉତ, ସୀତାକାନ୍ତ ପାଢୀ, ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ପ୍ରମୁଖ ପ୍ରାରମ୍ଭିକ ସଂଗୀତ ଗାଇଥିଲେ। ବେଦପାଠ କରିଥିଲେ ଶିକ୍ଷୟିତ୍ରୀ ମନୋରମା ରାୟ। କମିଟିର ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ଧନ୍ୟବାଦ ଅର୍ପଣ କରଥିଲେ। କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ସଦସ୍ୟ ତେଜସ୍ୱିନୀ ଦାସ, ସସ୍ମିତା ବଳ, ଆବାହକ ଅବିନାଶ ପଣ୍ଡା, ଶୁଭଦୀପ ମଲ୍ଲିକ, ଶଙ୍କର୍ଷଣ ରାଓ, ଶାନ୍ତନୁ ଦଳେଇ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଏମ୍.ଏମ୍. ଡ୍ୟାନ୍ସ ଗ୍ରୁପର ମୁଖ୍ୟ ଦେବସ୍ମିତା ହୋତାଙ୍କ ନେତୃତ୍ୱରେ ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

# ଇଦ୍‌ଗାର ନବକଳେବର କାର୍ଯ୍ୟ ଶୁଭାରମ୍ଭ



ଭଦ୍ରକ, ୫ା୧ (ସନାତନ ରାଉତ)

ଭଦ୍ରକ କଦମବେଡ଼ାସ୍ଥିତ ସଂଖ୍ୟାଲଘୁ ସମ୍ପ୍ରଦାୟର ପବିତ୍ର ଧର୍ମପୀଠ ଇଦ୍‌ଗାର ନବକଳେବର କାର୍ଯ୍ୟ ଶୁକ୍ରବାର ଶୁଭାରମ୍ଭ ହୋଇଛି। ପୂଜାପାଠ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭଦ୍ରକ ମୁସ୍‌ଲିମ ଜମାତ ସଭାପତି ହାଜି ମହମ୍ମଦ ଅବଦୁଲ ବାରି, ସାଧାରଣ ସମ୍ପାଦକ ଶେଖ୍ ଏନାମ ମହମ୍ମଦ, ସମ୍ପାଦକ ଶେଖ୍ ସିରାଜୁଦ୍ଦିନ, ମହେବୁବ ଖାନ୍, ନଇମ ଅହେମଦ, ହଫିଜୁର ରହେମନ, ଶେଖ୍ ଜଲାଲ, ମିଡିଆ ସେଲ୍ ସଂଯୋଜକ ଶେଖ୍ ଅନୱାର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଇଦ୍‌ଗାର ଉନ୍ନୟନମୂଳକ କାର୍ଯ୍ୟ ଲାଗି ମୁଖ୍ୟମନ୍ତ୍ରୀ ୧ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି।

# ଭାଜପାର କର୍ମୀ ସମ୍ମିଳନୀ

ଢେଙ୍କିକୋଟ,୫ା୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଭୋଳାବେଡ଼ାଠାରେ ଭାଜପାର କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଘଟଗାଁର ବରିଷ୍ଠ ବିଜେପି ନେତା ରାଜେନ୍ଦ୍ର ପଟ୍ଟନାୟକଙ୍କ ଉପସ୍ଥିତି ଓ ଢେଙ୍କିକୋଟ ମଣ୍ଡଳର ପୂର୍ବତନ ସଭାପତି ଜିତେନ୍ଦ୍ର ପଲାଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ଜିଲା ପରିଷଦ ସଦସ୍ୟ ଭଗବାନ ସାହୁ, ଅବସରପ୍ରାପ୍ତ ସେନା ଅଧିକାରୀ ଦୟାନିଧି ନାୟକ, ଅବସରପ୍ରାପ୍ତ ଶିକ୍ଷକ ଶିରପାଣି ମହାନ୍ତ, ମୁକ୍ତାପୁର ପୂର୍ବତନ ସରପଞ୍ଚ ହେମନ୍ତ ନାୟକ, ମଧୁ ନାୟକ, ପୂର୍ବତନ ମଣ୍ଡଳ ସଭାପତି ଗୋଲକ ବଳ, ପୂର୍ବତନ ସାଧାରଣ ସମ୍ପାଦକ ଶରତ ବେଜ, ଆନନ୍ଦ ମହାନ୍ତ, ସରପଞ୍ଚ ମୁକୁନ୍ଦ ମୁଣ୍ଡା, ରିମାଲତା ନାୟକ, ସମିତି ସଭ୍ୟା ପାର୍ବତୀ ବାର୍ଲା, ମକରଧ୍ୱଜ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅଜୟ ପଣ୍ଡା, କମଳ ନାୟକ, ପରମେଶ୍ୱର ନାଏକ, ଛୋଟରାୟ ନାୟକ, ସରାସପଶି ପଞ୍ଚାୟତ ପ୍ରମୁଖ ଚୁଦଙ୍ଗ ନାୟକ, ପ୍ରମୋଦ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ତୋରାଣିପୋଖରୀ, ମୁକ୍ତାପୁର, ଭୋଳାବେଡ଼ା, ସରାସପଶି ଓ ମନୋହରପୁର ପଞ୍ଚାୟତରୁ ଶତାଧିକ କର୍ମୀ ସାମିଲ ହୋଇଥିଲେ।



ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

# ଗୋଟେ ନଳକୂପକୁ ୭୦ ପରିବାର

## କବିତ୍ରା ମୁଣ୍ଡାସାହିରେ ଜଳ ସମସ୍ୟା ଉତ୍କଟ

କେନ୍ଦୁଝର,୫ା୧(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦ୍ର ଓ ରାଜ୍ୟ ସରକାର ଗାଁରୁ ସହର ସବୁଆଡ଼େ ବିଶୁଦ୍ଧ ପିଇବା ପାଣି ଯୋଗାଣ ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ବୋଦାପୋଲଶା ପଞ୍ଚାୟତର କବିତ୍ରା ମୁଣ୍ଡା ସାହିରେ ଯୋଜନା ଫେଲ ମାରିଛି। ଜଳ ଯୋଗାଣ ପାଇଁ ବିଛାଯାଇଥିବା ପାଇପ ଖରାପ ହୋଇଯାଇଥିବା ବେଳେ ଗୋଟିଏ ନଳକୂପ ଉପରେ ସାହି ଭରସା କରୁଛି। ଫଳରେ ଅନେକେ ନଦୀ, ପୋଖରୀ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି।

ସୂଚନା ଅନୁଯାୟୀ, ସାହିରେ ଆଜକୁ ୫୦ ବର୍ଷ ହେବ ଆଦିବାସୀ ମୁଣ୍ଡା ସମ୍ପ୍ରଦାୟର ଲୋକେ ବସବାସ କରି ଆସୁଛନ୍ତି। ୭୦ ପରିବାରର ପ୍ରାୟ ୨୦୦ ଲୋକ ସଂଖ୍ୟା ବିଶିଷ୍ଟ ଉକ୍ତ ସାହିରେ ଜଳ ଉତ୍ସବ ଭାବେ ଏକ ମାତ୍ର ନଳକୂପ ରହିଛି। ୧୦ ବର୍ଷ ପୂର୍ବରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ପାଣି ପାଇପ ବିଛା ଯାଇଥିବାବେଳେ ଏବେ ଭାଙ୍ଗି ରୁଜି ଗଲାଣି। ବହୁ ସମୟରେ ନଳକୂପଟି ଖରାପ ହୋଇଯାଉଥିବାରୁ ବିଶୁଦ୍ଧ ପିଇବା ପାଣି ଟିକେ ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି। ସାହିର ଲୋକେ ୨ କି.ମି. ଅରଡେଇ ନଦୀ କିମ୍ବା ପୋଖରୀରୁ ପାଣି ସଂଗ୍ରହ କରି ନିଜର ଆବଶ୍ୟକତା ପୂରଣ କରିଥାନ୍ତି। ଫଳରେ ଜଳ ବାହିତ ଓ ବିଭିନ୍ନ ଚର୍ମ ରୋଗରେ ପଡୁଥିବା ଦେଖିବାକୁ ମିଳୁଛି। ଅନେକ ସମୟରେ ଦୂଷିତ ଜଳ ପିଇ ଝାଡ଼ା, ବାନ୍ତି ଆଦି ବ୍ୟାପୁଥିବା ସାମାଜିକକର୍ମୀ ତୁଳସୀ ପାତ୍ର କହିଛନ୍ତି। ମୁଣ୍ଡା ସାହିର ଦୁର୍ଦ୍ଦଶା ଖବର ପାଇ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ଼ ସଭାପତି ରଞ୍ଜନ କୁମାର ବେହେରା ଉପସଭାପତି ଜୟକୃଷ୍ଣ ନାଏକ କବିତ୍ରା ଗ୍ରାମକୁ ଯାଇ ସ୍ଥିତି ପରଖିଥିବାବେଳେ ଖରାଦିନ ପୂର୍ବରୁ ତୁରନ୍ତ ନୂତନ ନଳକୂପ ଖନନ ନିମନ୍ତେ ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ମା'ବାପା ଛେଉଣ୍ଡ ବାଳକଙ୍କୁ ସହାୟତା ଦାବି

କେନ୍ଦୁଝର,୫ା୧(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ପୌରପାଳିକା ଅନ୍ତର୍ଗତ ୨୧ ନମ୍ବର ୱାର୍ଡ ବ୍ରାହ୍ମଣୀ ଗାଁର ମା'ବାପା ଛେଉଣ୍ଡ ମହେଶ ନାଏକ (୮) ଙ୍କୁ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସାମାଜିକ ସଂଗଠନ ଦାବି କରିଛନ୍ତି। ତାଙ୍କର ମା' ୨୦୨୨ ରେ କୌଣସି ରୋଗରେ ପଡ଼ି ମୃତ୍ୟୁବରଣ କରିଥିଲେ। ପିତା ଭ୍ରମର ନାଏକ ବହୁ ଦୁଃଖ କଷ୍ଟରେ କୁଲି ମଜୁରୀ କରି ପିଲାଟିକୁ ଲାଳନ ପାଳନ କରି ଆସୁଥିଲେ। କିନ୍ତୁ ବିଧିର ବିଧାନ ଅଲଗା ଥିଲା। ଭ୍ରମର ମଧ୍ୟ ଯକ୍ଷ୍ମା ରୋଗରେ ପୀଡ଼ିତ ହୋଇ ଗତ ମଙ୍ଗଳବାର ମୃତ୍ୟୁବରଣ କରିଛନ୍ତି। ସେ ଅତି ଗରିବ ଶ୍ରେଣୀର ହୋଇଥିବାବେଳେ ବାଳକଟି ଶୁଦ୍ଧି କ୍ରିୟା ପାଇଁ ତାଙ୍କ ପାଖରେ ଟଙ୍କାଟିଏ ନାହିଁ। ତୁରନ୍ତ କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ସହଯୋଗ କରିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ଼ ସଭାପତି ରଞ୍ଜନ ବେହେରା, ଉପସଭାପତି ଜୟକୃଷ୍ଣ ନାଏକ ଦାବି କରିଛନ୍ତି। ଉକ୍ତ ୮ ବର୍ଷର ବାଳକର ଶିକ୍ଷା ବ୍ୟବସ୍ଥା ଓ ସରକାରୀ ସହାୟତା ଯୋଗାଇଦେବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

**ବ୍ୟକ୍ତିଗତ ଜାଗାରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣକୁ ବିରୋଧ**

**କାଳିପଦା:** ବାଲିଆପାଳ ବ୍ଲକ ପଞ୍ଚୁପାଲି ଗ୍ରାମର ବାଳାବତୀ ପ୍ରଧାନଙ୍କ ବ୍ୟକ୍ତିଗତ ଜାଗାରେ ପ୍ରଶାସନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରୁଥିବାରୁ କ୍ଷତିଗ୍ରସ୍ତ ବାଳାବତୀ ପ୍ରଧାନ ବିରୋଧ କରିଛନ୍ତି। ସେ ଏନେଇ ପ୍ରଶାସନକୁ ଜଣାଇଥିଲେ ମଧ ପ୍ରଶାସନ ଗୁରୁତ୍ୱ ନ ଦେବାରୁ ଏନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। କୋର୍ଟ ମାମଲାର ଶୁଣାଣି କରି କାର୍ଯ୍ୟାନୁଷ୍ଠାନ ନେବାକୁ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉନାହିଁ। ମାପ କରାଯାଇ ଜାଗା ଚିହ୍ନଟ କରାଯାଇଛି ବୋଲି ବିଡିଓ କହିଛନ୍ତି।

## ସଂକ୍ଷେପରେ

### ବେଆଇନ ଖଣି ଉପରେ ମାଇନିଂ ସ୍କ୍ୱାଡ୍ ଚଢାଉ

ଖଇରା, ୫।୧(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡରେ ୭୦ରୁ ବେଆଇନ ଖଣି ଉପରେ ମାଇନିଂ ଟିମ୍ ପକ୍ଷରୁ ଶୁକ୍ରବାର ଚଢାଉ କରାଯାଇଛି । ଖଣି ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଦଳେଇ, ମାଇନିଂ ଅଧିକାରିଣୀ ସନ୍ତୋଷୀପ୍ରଭା ସେଠୀ ଓ ଜିଲା ସପ୍ଲାଇ ଆସିଷ୍ଟାଣ୍ଟ ଭବାନୀ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ସକାଳ ୫ଟା ଠାରୁ ଏହି ଚଢାଉ କରିଥିଲେ। ଖଇରା ଥାନା ଆଇଆଇସି ଗୟାଧର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସୁଦର୍ଶନ ସେନ ଏହି ଟିମ୍‌କୁ ଚଢାଉରେ ସହଯୋଗ କରିଥିଲେ। ବେଆଇନ ଖଣି ଖନନରେ ନିୟୋଜିତ କମ୍ପ୍ରେସର, ଟ୍ରକ, ବାଇକ, ଡ୍ରିଲ ମେଶିନ ଜବତ କରାଯାଇଛି। ଏ ସମ୍ପର୍କରେ ମାଇନିଂ ଅଧିକାରିଣୀ ସେଠୀଙ୍କୁ ଯୋଗାଯୋଗ କରିବାରେ ହାଣ୍ଡିଆହାଟ ଅଞ୍ଚଳରେ ବହୁ ଖଣି ବେଆଇନ ଭାବେ ଚାଲୁଥିବା ଅଭିଯୋଗ ପାଇ ଚଢାଉ କରିଥିଲେ। ଶୁକ୍ରବାର ୭୧ଟି ଖଣି ବେଆଇନ ପ୍ରକ୍ରିୟାରେ ଚାଲୁଥିବା ଦୃଷ୍ଟିକୁ ଆସିବା ପରେ ମାମଲା ରୁଜୁ ପାଇଁ ଖଇରା ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଆହୁରି ଅନେକ ଖଣି ମଧ ବେଆଇନ ଭାବେ ଚାଲୁଥିବା ବେଳେ ଏଗୁଡିକ ମଧ ଯାଞ୍ଚ କରାଯିବ ବୋଲି କହିଛନ୍ତି । ଶାରୀଶୁଆ ପାହାଡର ବନ୍ଧନଟା ଏବଂ ବଗେଇପୁର ଅଞ୍ଚଳରେ ୯୭ଟି ଖଣି ରହିଥିବା ବେଳେ ମାତ୍ର ୨୦ଟି ଖଣି ଚଳାଇବାକୁ ଅନୁମତି ପ୍ରଦାନ କରାଯାଇଛି।

### ଦଳାଙ୍ଗରେ ମଣ୍ଡି ଖୋଲିଲା: ୪୮୬ ଚାଷୀଙ୍କଠାରୁ କିଣାହେବ ଧାନ

ଧାମନଗର, ୫।୧ (ଦେବେନ୍ଦ୍ର ଆଢ଼ିଆ)- ଭଦ୍ରକ ଜିଲା ଧାମନଗର ବ୍ଲକ ଦଳାଙ୍ଗ ସେବା ସମବାୟ ସମିତିରେ ଶୁକ୍ରବାର ସରକାରୀ ଧାନମଣ୍ଡି ଖୋଲିଛି। ସମବାୟ ସମିତି ପରିଚାଳନା ପରିଷଦର ସଭାପତି ସଞ୍ଜୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ପାଦିକା ସ୍ୱାଗତିକା ରାଉତ ଚାଷୀଙ୍କୁ ଧାନକିଣା ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରାମ୍ୟ କୃଷି କର୍ମଚାରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଚାଷୀ କମିଟି ସଭ୍ୟ ରଘୁନାଥ କର, ନିତ୍ୟାନନ୍ଦ ରାଉତ, ଭୈରବ ପ୍ରଧାନ, ହୃଦାନନ୍ଦ ଜେନା, ଅକ୍ଷୟ ନାୟକ, ରମେଶ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ସମିତିର କର୍ମଚାରୀ ଭାଗିରଥୀ ବଳ, ସନ୍ତୋଷ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ସମିତିରେ ୪୮୬ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଛନ୍ତି। ଚାଷୀଙ୍କଠାରୁ ଏଫ୍‌ଏକ୍ୟୁ ମାନର ଧାନ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ସରକାରୀ ଧାର୍ଯ୍ୟ ଦରରେ କ୍ରୟ କରାଯିବ ବୋଲି ସମ୍ପାଦିକା ରାଉତ ପ୍ରକାଶ କରିଥିଲେ।

### ଆହ୍ଲୁୱାଲିଆ କାରଖାନାରେ ଫର୍ନେସ-୨ ସିଲ୍

କେନ୍ଦୁଝର,୫।୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଗୁରୁଡ଼ି ଥାନା ଅନ୍ତର୍ଗତ ବରପଦାସ୍ଥିତ କେଜେଏସ୍ ଆହ୍ଲୁୱାଲିଆ ହିମା ଇସ୍ପାତ କାରଖାନରେ ଗତ ବୁଧବାର ଇଣ୍ଡକସନ ଫର୍ନେସ-୨ରେ ବିସ୍ଫୋରଣ ଘଟିଥିଲା। ଘଟଣା ପରେ କାରଖାନା ଓ ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ କେଦାରନାଥ ହାଁସଦାଙ୍କ ନେତୃତ୍ୱରେ ଟିମ୍ ତଦନ୍ତ କରିଥିଲା। ତଦନ୍ତରେ ଏସ୍‌ଏମ୍‌ଏସ୍ ଫର୍ନେସ-୨ ୟୁନିଟରେ ତ୍ରୁଟି ଥିବା ଜାଣିବାକୁ ପାଇବା ପରେ ସିଲ୍ କରି କାରଖାନା ମାଲିକ ଏବଂ କାରଖାନା ମ୍ୟାନେଜରଙ୍କୁ ନୋଟିସ କରାଯାଇ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭବିଷ୍ୟତରେ ଏପରି ଦୁର୍ଘଟଣା ନ ଘଟେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଚିଠି କରାଯାଇଛି। ଏ ନେଇ କାରଖାନା ପକ୍ଷରୁ ଏକ ଟେକ୍ନିକାଲ ଟିମ୍ ଯାଇ ନିର୍ଦ୍ଦେଶକଙ୍କୁ କେଉଁ ପଦକ୍ଷେପ ନିଆଯାଇଛି ସେ ନେଇ ଅବଗତ କରାଇବେ। ସଠିକ୍ ପଦକ୍ଷେପ ନେଲେ ପୁନଃ ଉକ୍ତ ବନ୍ଦ ଥିବା ୟୁନିଟ୍ ଖୋଲିବ। ସୂଚନାଯୋଗ୍ୟ, ତରଳ ଗରମ ଲୁହା ସହିତ ପାଣି ସଂଯୋଗ ହେବାରୁ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ସମୟରେ କଳାଧୂଆଁରେ ଉକ୍ତ ଅଞ୍ଚଳ ଆଚ୍ଛାଦିତ ହୋଇପଡ଼ିଥିଲା। ସହକାରୀ ନିର୍ଦ୍ଦେଶକ କେଦାରନାଥ ହାଁସଦା କହିଛନ୍ତି, ଦୁର୍ଘଟଣା ଘଟିଥିବା ଅଞ୍ଚଳକୁ ସିଲ କରିଦିଆଯାଇଛି। କମ୍ପାନୀ ପକ୍ଷରୁ ପୁନଃ ଦୁର୍ଘଟଣା ନ ଘଟିବା ନେଇ ନିର୍ଭର ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଫର୍ନେସ ବନ୍ଦ ରହିବ।

# ସରକାର ଦେଉଛନ୍ତି ୫, କିଣା ୮ ଟଙ୍କା

**■ମଧାହ୍ନ ଭୋଜନରେ ଅଣ୍ଡା ଅଡୁଆ**

**■ମେନୁ ପରିବର୍ତ୍ତନ, ଅନୁଦାନ ବୃଦ୍ଧି ଦାବି**

କେନ୍ଦୁଝର,୫।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଅଣ୍ଡାର ମୂଲ୍ୟ ବଢ଼ିଚାଲିଛି। କିନ୍ତୁ ମଧାହ୍ନ ଭୋଜନରେ ମିଳୁଥିବା ଅଣ୍ଡା ବାବଦକୁ ମୂଲ୍ୟ ବଢୁ ନାହିଁ। ଫଳରେ ଅଙ୍ଗନୱାଡି ଦିଦିମାନେ ଆର୍ଥିକ ସଙ୍କଟରେ ରହୁଛନ୍ତି। ବଜାରରେ ଅଣ୍ଡାର ଦାମ ବଢୁଥିବାରୁ ସରକାର ଅନୁଦାନ ଅର୍ଥ ବଢ଼ାଇବାକୁ ଦାବି ହୋଇଛି। ନଚେତ ମେନୁ ପରିବର୍ତ୍ତନ ଉପରେ ବିଚାର କରିବାକୁ ଦାବି ହେଉଛି। ଏ ନେଇ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଅଙ୍ଗନୱାଡ଼ିରେ ଅଣ୍ଡା ପିଛା ୫ ଟଙ୍କା ମିଳୁଥିବା ବେଳେ ଘରକୁ ବଣ୍ଟନ ହେଉଥିବା ଶୁଖିଲା ଖାଦ୍ୟରେ ଦିଆଯାଉଥିବା ଅଣ୍ଡା ବାବଦକୁ ୫.୫୦ ପଇସା ସରକାର ଦେଉଛନ୍ତି। କିନ୍ତୁ ବଜାରରେ ଅଣ୍ଡା ଦାମ ୮ ଟଙ୍କାରେ ପହଞ୍ଚିଲାଣି। ଗତ ପାଞ୍ଚ ବର୍ଷ ତଳେ ଧାର୍ଯ୍ୟ କରାଯାଇଥିବା ମୂଲ୍ୟ ଅନୁସାରେ ଅର୍ଥ ଦିଆଯାଉଛି। ଫଳରେ ଅଙ୍ଗନୱାଡିକର୍ମୀଙ୍କ ଉପରେ ଆର୍ଥିକ ବୋଝ ପଡୁଥିବା ରାଜ୍ୟ ସମ୍ପାଦିକା ମମତା ରାଣୀ ବେହେରା କହିଛନ୍ତି। ଅଣ୍ଡାର ଦର ବୃଦ୍ଧି କରା ନ ଗଲେ ସେହି ଅର୍ଥରେ ଯେତିକି ଅଣ୍ଡା ହୋଇପାରିବ ସେତିକି ବଣ୍ଟନ କରିବେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ନଚେତ ମେନୁ ପରିବର୍ତ୍ତନ କରି ସପ୍ତାହରେ ୨ ଦିନ ଅଣ୍ଡା, ୨ ଦିନ ଡାଲମା ଓ ୨ ଦିନ ସୋୟାବଡ଼ି ଦେବାକୁ ଦାବି କରିଛନ୍ତି। ସଂଗଠନ ସମ୍ପାଦକ ଭାନୁମତୀ ମହାନ୍ତ, ସଭାପତି ଚନ୍ଦ୍ରମଣୀ ବାରିକ ସମେତ ସୋମ୍ବାରୀ ନାଏକ, ମିନାକ୍ଷୀ ପଲେଇ, କଲ୍ୟାଣୀ ବେହୁରିଆ, ଚମ୍ପାବତୀ ବାରିକ, ମମତା ସେଠୀ, ପ୍ରେମଲତା ଆଚାର୍ଯ୍ୟ, ନମିତା ମହାନ୍ତ, ପଦ୍ମତୋଳା ଚୌଧୁରୀ, ଜମୁନା ନାୟକ, ସବିତା ମହାନ୍ତ, ସୁଚିସ୍ମିତା ନାୟକ, ମାଳତୀ ହାଁସଦା, କାମିନୀ ଦେହୁରୀ, ମମତା ବାରିକ, ସୁଲୋଚନା ବେହେରା, ସାଇଲତା ବେହେରା, ଗୀତାରାଣୀ ମହାନ୍ତି, ରୀନା ବେହେରା, ଅରୁନ୍ଧତୀ ନାଏକ, ପଙ୍କଜିନୀ ପ୍ରଧାନ, ଟିକି ପାତ୍ର, ରଶ୍ମିତା ସେଠୀ ପ୍ରମୁଖ ସାମିଲ ହୋଇ ଦାବିପତ୍ର ଦେଇଥିଲେ। ଏହାର ଏକକିତା ନକଲ କେନ୍ଦୁଝର ଉପଜିଲାପାଳ, ଜିଲା କଲ୍ୟାଣ ସମାଜ ମଙ୍ଗଳ ଅଧିକାରିଣୀ, ଜିଲାର ସମସ୍ତ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କୁ ଦିଆଯାଇ ଥିବା ସେମାନେ ସୂଚନା ଦେଇଛନ୍ତି।

# ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ୨୩ ପରିବାର ଉପକୃତ

ବାଲେଶ୍ୱର, ୫।୧(ମାନସ ବିଶ୍ୱାଳ)

ରାଜ୍ୟ ସରକାରଙ୍କ ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ୍) ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଶାଳଚୁଆ ପଞ୍ଚାୟତ ସାଗରସାହି ଗାଁର ୨୩ ପରିବାରକୁ ବିଦ୍ୟୁତ୍ ଯୋଗାଇବାରେ ସକ୍ଷମ ହୋଇଛି। ଫଳରେ ଗ୍ରାମବାସୀଙ୍କ ଦୀର୍ଘ ଦିନର ଆଶା ପୂରଣ ହୋଇଛି।

ପାହାଡ଼ ଜଙ୍ଗଲ ଘେରା ସାଗରସାହି ଗାଁରେ ବିଦ୍ୟୁତ୍ ବ୍ୟବସ୍ଥା ନ ଥିବାରୁ ସନ୍ଧ୍ୟା ହେବା ମାତ୍ର ଲୋକମାନେ ତାଟି କବାଟ ପକାଇ ଦେଉଥିଲେ। ପିଲାମାନେ ପଢ଼ିବା ପାଇଁ ଡିବିରି ଆଲୁଅ ଉପରେ ଭରସା କରୁଥିଲେ। ପାହାଡ଼ ଜଙ୍ଗଲ ଘେରା ଅଞ୍ଚଳରେ ବିଜୁଳି ସେବା ପହଞ୍ଚାଇବା ସାଧାରଣ କଥା ନ ଥିବା ବେଳେ ସମସ୍ତ ପ୍ରତିକୂଳ ସ୍ଥିତି ସତ୍ତ୍ୱେ ଟିପିଏନଓଡ଼ିଏଲ୍‌ର କର୍ମଚାରୀମାନେ ଉକ୍ତ ଗାଁରେ ବିଜୁଳି ସେବା ସ୍ୱାଭାବିକ କରିବାରେ ସକ୍ଷମ ହୋଇଛନ୍ତି। ସମ୍ପୃକ୍ତ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ୧୧କେଭି ବିଦ୍ୟୁତ ତାର ଟଣାଯିବା



ବିଦ୍ୟୁତ୍ ପାଇବା ପରେ ଜଣେ ଉପଭୋକ୍ତା ଖୁସିବ୍ୟକ୍ତ କରୁଛନ୍ତି।

ସହ ୬୩ କେଭିଏ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ସେହିପରି ଲୋ-ଭୋଲଟେଜ ସମସ୍ୟାକୁ ପ୍ରତିହତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏଣିକି ଉକ୍ତ ଗାଁରେ ସ୍ୱାଭାବିକ ଭାବେ ଲୋକମାନେ ବିଜୁଳି ପାଇପାରିବେ ବୋଲି ଟିପିଏନ୍‌ଓଡ଼ିଏଲ୍ ପକ୍ଷରୁ ଗୁରୁବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ଏମ୍‌ପିସି କଲେଜର ପ୍ଲାଟିନମ୍ ଜୁବୁଲି ଉତ୍ସବ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବାରିପଦା,୫।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜର ୭୫ ବର୍ଷ ପୂର୍ତ୍ତି ଅବସରରେ ତକତପୁରସ୍ଥିତ ଏମପିସି (ଅଟୋ)କଲେଜ ପ୍ରାଙ୍ଗଣରେ ତିନି ଦିନ ଧରି ହେବାକୁ ଥିବା ପ୍ଲାଟିନମ ଜୁବୁଲି ଉତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧମରେ ଉଦ୍‌ଘାଟନ କରିଛନ୍ତି। କମିଟିର ଅଧକ୍ଷ ତଥା ବିଦ୍ୟାଳୟ ଗଣଶିକ୍ଷା ତଥା ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ପୌରହିତ୍ୟରେ କଲେଜର ଅଧକ୍ଷ ମୁକ୍ତିକାନ୍ତ ପଣ୍ଡାଙ୍କ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥିଭାବେ ବାରିପଦା ପୌର ପାଳିକାର ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇଥିଲେ। ମଞ୍ଚାସୀନ ଏମ୍‌ପିସି ଅଟୋ କଲେଜ ଗଭର୍ଣ୍ଣିଂ ବଡିର ସଭାପତି ମେଜର ଡ. କଳ୍ପନା ଦାସ, ପୁରାତନ ଛାତ୍ର ସଂସଦର ସଭାପତି ଡ. ବିଜୟ ଅଗ୍ରୱାଲା, ପାଳନ କମିଟିର ମୁଖ୍ୟ ପୁରୋଧା ଓ ସଂଯୋଜକ ପ୍ରୀତିଷ ବସା, ସମ୍ପାଦକ କଳିଙ୍ଗ କେଶରୀ ଜେନା ମୂଲ୍ୟବାନ ମତାମତ ରଖିଥିଲେ। ପୁରାତନ ଛାତ୍ର ଦିବଂଗତ ବସନ୍ତ ଦାଶଙ୍କୁ କଲେଜର ପ୍ରତିଷ୍ଠା ଦିଗରେ ସକ୍ରିୟ ଭୂମିକା ପାଇଁ ମରଣୋତ୍ତର ଭାବେ ସମ୍ମାନିତ କରାଯାଇଥିଲା। ୭୫ ବର୍ଷର ସ୍ମୃତିର ପ୍ରତୀକ 'ରତ୍ନଗର୍ଭା' ସ୍ମରଣିକା କମିଟିର ଚେୟାରମ୍ୟାନ ଡ. ମୋହିତ କୁମାର ଷଡ଼ଙ୍ଗୀ, ମୁଖ୍ୟ ସମ୍ପାଦକ ଡ. ସୁଶାନ୍ତ ବସା ଓ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଉଦ୍‌ଘାଟନୀ ଅବସରରେ ମୁଖ୍ୟମନ୍ତ୍ରୀ ମହାବିଦ୍ୟାଳୟରେ ଉନ୍ନତମାନର ଅଡିଟୋରିୟମ ନିର୍ମାଣ ପାଇଁ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ।

### ୮ ବ୍ୟବସାୟ ପ୍ରତିଷ୍ଠାନରେ ଜିଏସ୍‌ଟି ଚଢ଼ାଉ

ବାରିପଦା, ୫।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜିଏସ୍‌ଟି ଠକେଇ ମାମଲାରେ ବାରିପଦା ସହରର ଜନୈକ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ୮ଟି ବ୍ୟବସାୟ ପ୍ରତିଷ୍ଠାନରେ ଶୁକ୍ରବାର ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଲକ୍ଷାଧିକ ଟଙ୍କାର ଠକେଇ ନେଇ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲା ସିଟି ଏବଂ ଜିଏସ୍‌ଟି ପ୍ରବର୍ତ୍ତନ ବିଭାଗ ସଦଳବଳ ଚଢ଼ାଉ କରିଛି। ବାରିପଦା ସହରର ଲୁଗା ବ୍ୟବସାୟୀ ଅମ୍ବିକା ଶାଢ଼ୀ ହାଉସର ମାଲିକଙ୍କ ଘର ସମେତ ୮ ସ୍ଥାନରେ ଏକସଙ୍ଗେ ଜିଏସ୍‌ଟି ଚଢ଼ାଉ କରାଯାଇଛି।

ମୟୂରଭଞ୍ଜ ଜିଲା ଜିଏସ୍‌ଟି ଡେପୁଟି କମିଶନର କୁଳମଣି ମଲ୍ଲିକଙ୍କ ସୂଚନା ଅନୁଯାୟୀ ବାରିପଦା ସହରରେ ଲୁଗା ବ୍ୟବସାୟୀଙ୍କ ଥିବା ୫ଟି ଲୁଗା ଦୋକାନ, ବାସଗୃହ, ପେଟ୍ରୋଲ ପମ୍ପ, କଲ୍ୟାଣ ମଣ୍ଡପ ଓ ଅଟୋପାର୍ଟସ ଦୋକାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ସହ ଲକ୍ଷାଧିକ ଟଙ୍କାର ଟ୍ୟାକ୍ସ ଠକେଇ ହୋଇଥିବା ଜଣାପଡ଼ିଛି। ମୟୂରଭଞ୍ଜ ଓ ବାଲେଶ୍ୱର ଜିଏସ୍‌ଟି ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଚଢ଼ାଉରେ ସାମିଲ ଥିଲେ।

# ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନ ବିକାଶର ପ୍ରାଣକେନ୍ଦ୍ର




ସମ୍ବର୍ଦ୍ଧିତ ଟପ୍ପର ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ।

**ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ**

ରୂପସା, ୫।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ନୀଳମଣି ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସଂସଦ ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମିନା ଦାସ ଉତ୍ସବକୁ ଉଦ୍‌ଘାଟନ କରି ପୁରାତନ ଏବଂ ଅଧ୍ୟୟନରତ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନ ବିକାଶର ପ୍ରାଣକେନ୍ଦ୍ର ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରି ଡିଗ୍ରୀ କଲେଜର ପୂର୍ବତନ ଅଧକ୍ଷା ଜ୍ୟୋତ୍ସ୍ନାରାଣୀ ପଣ୍ଡା ଯୋଗଦେଇ ଶିକ୍ଷା ହିଁ ଜୀବନର ଶ୍ରେଷ୍ଠ ସମ୍ବଳ ବୋଲି ବକ୍ତବ୍ୟରେ କହିଥିଲେ। ଅଧକ୍ଷ ଡ. ତପନ କୁମାର ବେହେରା ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଗଭର୍ଣ୍ଣିଂ ବଡ଼ି ସଭାପତି ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ, ଫକୀରମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଉପ-ସଭାପତି ଅନୀଲ କୁମାର ପଟ୍ଟନାୟକ, ଉପଦେଷ୍ଟା ଅଧ୍ୟାପକ ବିଜୟ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ତଥା ଅଧ୍ୟାପକ ଗୌରାଙ୍ଗ ପଣ୍ଡାଙ୍କ ମଞ୍ଚ ସଂଯୋଜନାରେ ୨୦୨୨-୨୩ ବର୍ଷର ଯୁକ୍ତ ତିନି ଓ ଯୁକ୍ତ ଦୁଇ ଶ୍ରେଣୀର ସମସ୍ତ ବିଭାଗର ୧୬ଜଣ ଟପ୍ପର ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ମିମେଣ୍ଟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ଅଧ୍ୟାପକ ଚନ୍ଦନ କୁମାର ଦାସ, ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ଡେମନଷ୍ଟ୍ରେଟର ବାସନ୍ତୀ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ।

# ଅଭିନେତାଙ୍କ ନୃତ୍ୟ, ଅଭିନୟରେ ବିଭୋର ହେଲେ ଦର୍ଶକ

**ସରିଲା ସାଂସ୍କୃତିକ ମହୋତ୍ସବ**

ତିହିଡ଼ି,୫।୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି କାଳୀପଡ଼ିଆରେ ମଣିଶଙ୍କର ସେବା ସଙ୍ଗଠନ ପକ୍ଷରୁ ୫ଦିନ ଧରି ଚାଲିଥିବା ସାଂସ୍କୃତିକ ମହୋତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ହାସ୍ୟ ଅଭିନେତା ପପୁ ପମ୍‌ପମ୍, ଓଡ଼ିଆ ଚଳଚ୍ଚିତ୍ରର ନାୟକ ଆକାଶ ହୋତା, ନାୟିକା ସୁମନ ପଟ୍ଟନାୟକ ଓ ନୀଳାକ୍ଷୀ ପାତ୍ରଙ୍କ ଅଭିନୟରେ ଦର୍ଶକମାନେ ବିଭୋର ହୋଇଥିଲେ। ନୃତ୍ୟଶିଳ୍ପୀ ଶୈଳେନ୍ଦ୍ର ସାମନ୍ତରାୟଙ୍କ ନୃତ୍ୟ, ଅଭିନେତା ଦୀପକଙ୍କ ସଂଳାପ ଓ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ସମସ୍ତ ଅଭିନେତାଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନର ଆବାହକ ସୁମନ୍ତ କୁମାର ମହାନ୍ତିଙ୍କ ଆୟୋଜନରେ ଅନୁଷ୍ଠିତ ମହୋତ୍ସବର ବିଭିନ୍ନ ଦିବସରେ ସ୍ଥାନୀୟ ଅଞ୍ଚଳର ନୃତ୍ୟଶିଳ୍ପୀ ଏବଂ କଣ୍ଠଶିଳ୍ପୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିବା ବେଳେ ବାଦୀପାଲା, କଣ୍ଢେଇ ନାଚ ଆଦି ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଭାସମ୍ପନ୍ନ ବହୁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କେତେକ ଲୋକଙ୍କୁ ସାଇକେଲ, ମୋବାଇଲ ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଗୀତିକାର ପଞ୍ଚାନନ ନାୟକ ସଞ୍ଚାଳନ କରିଥିବା ବେଳେ ତପୁନ ପାଣି, କେଶବ ବେହେରା, ସିଲୁ ବେହେରା, ଚନ୍ଦ୍ରକାନ୍ତ ନାଥ, ଦିବାକର ସେନାପତି, କୈଳାସ ହୋତା, ଉପାସନା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମହୋତ୍ସବରେ ଅଭିନେତା ଦୀପକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଚମ୍ପୁଆରେ ୨.୩ ଓ ପାଟଣାରେ ୨.୧ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟର

ଚମ୍ପୁଆ,୫।୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଚମ୍ପୁଆ ବିଧାନସଭା କ୍ଷେତ୍ର ୨୫ ଓ ପାଟଣା ବିଧାନସଭା କ୍ଷେତ୍ର ୨୩ର ଚୁଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଚମ୍ପୁଆରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୧୪ ହଜାର ୬୧୩ ଓ ମହିଳା ୧ ଲକ୍ଷ ୧୫ ହଜାର ୯୧୨ ରହିଥିବା ବେଳେ ୭ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ପାଟଣା ନିର୍ବାଚନୀ ମଣ୍ଡଳରେ ପୁରୁଷ ଭୋଟର ସଂଖ୍ୟା ୧ ଲକ୍ଷ ୫ ହଜାର ୫୦୮ ଥିବା ବେଳେ ମହିଳା ଭୋଟର ୧ ଲକ୍ଷ ୬ ହଜାର ୨୨୮ ଏବଂ ୨ ଜଣ ତୃତୀୟ ଲିଙ୍ଗୀ ଅଛନ୍ତି। ୨ ବିଧାନସଭା କ୍ଷେତ୍ରରେ ମୋଟ ୫୨୫ ବୁଥ୍ ଥିବା ବେଳେ ଏହାର ଅଧୀନରେ ଚମ୍ପୁଆ, ଯୋଡ଼ା, ଝୁମ୍ପୁରା, ପାଟଣା ଓ ସାହାରପଡ଼ା ବ୍ଲକ୍ ଅନ୍ତର୍ଭୁକ୍ତ ରହିଛି। ଆଗାମୀ ୮ ତାରିଖରୁ ଇଭିଏମ୍ ଓ ଭିଭିପାଟ୍ ବ୍ୟବହାର ସମ୍ପର୍କରେ ସଚେତନ କରିବାର ବ୍ୟବସ୍ଥା ରହିଥିବା ବେଳେ ପ୍ରତ୍ୟେକ ବ୍ଲକ୍, ମ୍ୟୁନିସିପାଲିଟି ଓ ଏନ୍‌ଏସିମାନଙ୍କରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତି ବ୍ଲକ୍‌ରେ ଇଭିଏମ୍ ଷ୍ଟ୍ରଙ୍ଗ୍ ରୁମ୍ ଖୋଲାଯାଇ ସ୍ୱତନ୍ତ୍ର ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଚମ୍ପୁଆ ବିଧାନସଭା ଆସନରେ ଶତକଡ଼ା ୨.୩୭% ଭାଗ, ପାଟଣାରେ ଶତକଡ଼ା ୨.୩୦% ଭୋଟର ସଂଖ୍ୟା ବୃଦ୍ଧି ପାଇଥିବା ନିର୍ବାଚନ ରିଟର୍ଣ୍ଣିଂ ଅଧିକାରୀ ସୁକାନ୍ତ ମାଝି ସୂଚନା ଦେଇଛନ୍ତି। ସହକାରୀ ଜିଲାପାଳ ସୁଜିତ୍ ସ୍ୱାଇଁ, ଫୁଲାଇ ବେସ୍ରା, ଡେପୁଟି କଲେକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଏନ୍‌ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ, ସୁବାସ ରାମ, ଗୁରୁବକ୍ସସିଂ ଆଲୁୱାଲିଆ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭୋଟର ତାଲିକା ସଂଶୋଧନ ପରେ ନଭେମ୍ବର ୧ରେ ଚିଠା ତାଲିକା ପ୍ରକାଶ ପାଇଥିଲା। ଭୋଟରମାନଙ୍କ ଦାବି ଓ ଆପତି ନିମନ୍ତେ ଗତ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରାଯାଇଥିଲା।

# କୃଷି ସଚେତନତା ରଥ ଶୁଭାରମ୍ଭ

ଯୋଡ଼ା,୫।୧(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପକ୍ଷରୁ ବ୍ଲକ୍‌ର ୧୯ଟି ପଞ୍ଚାୟତ ଓ ଦୁଇଟି ପୌରପାଳିକାରେ କୃଷି ସଚେତନତା ପାଇଁ କୃଷି ରଥର ପରିକ୍ରମା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଯୋଡ଼ା ବ୍ଲକ୍ କୃଷି ଅଧିକାରିଣୀ ସଂଯୁକ୍ତା ମୁଣ୍ଡାଙ୍କ ସଂଯୋଜନାରେ ସହକାରୀ କୃଷି ଅଧିକାରୀ ଦେବବ୍ରତ ମିଶ୍ର ଯୋଗଦେଇ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। କୃଷି ରଥ ଯୋଡ଼ା ବ୍ଲକ୍‌ର ସମସ୍ତ ପଞ୍ଚାୟତ ସହିତ ଯୋଡ଼ା ଓ ବଡ଼ବିଲ ପୌରପାଳିକାରେ ଆଗାମୀ ୬ ଦିନ ମଧ୍ୟରେ ପରିକ୍ରମା କରିବ। ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି ଯୋଜନା ଓ ନୂତନ କୃଷି ଜ୍ଞାନ କୌଶଳକୁ ବ୍ୟବହାର କରି କୃଷକମାନଙ୍କୁ ଅଧିକ ରୋଜଗାରକ୍ଷମ କରାଇବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କୃଷକମାନଙ୍କୁ ଲୋକକଳା ଓ ଲୋକ ସଙ୍ଗୀତ ମାଧମରେ ସରକାରଙ୍କ ପକ୍ଷରୁ ପ୍ରଣିତ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବା ସହ ସରକାରୀ ଯୋଜନାରେ ମିଳୁଥିବା ସହାୟତା ଓ ଆନୁସଙ୍ଗିକ ସୁବିଧା ବିଷୟରେ ଚାଷୀଙ୍କୁ ଅବଗତ କରାଇବ ବୋଲି ବ୍ଲକ୍ କୃଷି ଅଧିକାରିଣୀ ସଂଯୁକ୍ତା ମୁଣ୍ଡା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କୃଷି ଅଧିଦର୍ଶକ, ବିଭିନ୍ନ ପଞ୍ଚାୟତରୁ ଆସିଥିବା କୃଷକ ଓ କୃଷକ ସାଥୀମାନେ ଉପସ୍ଥିତ ଥିଲେ।



# ବଢ଼ିଛି ମହିଳା ଭୋଟରଙ୍କ ସଂଖ୍ୟା

**ଏଥର ଭଦ୍ରକରେ ୧୨,୬୪,୨୨୦ ଭୋଟର**

ଭଦ୍ରକ,୫।୧(ସନାତନ ରାଉତ)

ଭଦ୍ରକ ଜିଲାର ଚୂଡ଼ାନ୍ତ ଭୋଟର ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧମ ପ୍ରତିନିଧିମାନଙ୍କ ଗହଣରେ ତାଲିକା ପ୍ରକାଶ କରିଥିଲେ। ଆଗ ଅପେକ୍ଷା ମହିଳା ଭୋଟର ସଂଖ୍ୟା ବୃଦ୍ଧି, ବୁଥ୍ ସଂଖ୍ୟା ବୃଦ୍ଧି ଆଦି ସମ୍ପର୍କରେ ଜିଲାପାଳ ସୂଚନା ପ୍ରଦାନ କରିବା ସହ ପ୍ରକାଶିତ ତାଲିକାରେ କୌଣସି ତ୍ରୁଟି ଥିଲେ ପ୍ରଶାସନ ନଜରକୁ ଆଣିବା ପାଇଁ କହିଥିଲେ। ନିର୍ବାଚନ ଘୋଷଣା ହେବା ପର୍ଯ୍ୟନ୍ତ ତାଲିକାରେ ଯୋଗ, ବିୟୋଗ ପ୍ରକ୍ରିୟା ଚାଲୁ ରହିବ ବୋଲି ସେ ପ୍ରକାଶ କରିଥିଲେ।



ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଅଧିକାରୀମାନେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରୁଛନ୍ତି।

ସୂଚନା ଅନୁଯାୟୀ, ୨୦୨୩ ଅକ୍ଟୋବରରେ ପ୍ରକାଶ ପାଇଥିବା ତାଲିକାରେ ଭୋଟର ସଂଖ୍ୟା ୧୨,୫୫,୨୯୬ ଥିବାବେଳେ ନୂଆ ତାଲିକାରେ ସମୁଦାୟ ଭୋଟର ସଂଖ୍ୟା ୧୨,୬୪,୨୨୦। ସେମାନଙ୍କ ମଧ୍ୟରେ ପୁରୁଷ ଭୋଟର ସଂଖ୍ୟା ୬,୫୨,୭୨୧ ଏବଂ ମହିଳା ଭୋଟର ୬,୧୧,୩୪୮। ତୃତୀୟ ଲିଙ୍ଗୀ ଭୋଟର ସଂଖ୍ୟା ୧୫୧। ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟାରେ ୩୬,୪୩୬ ଜଣ ଭୋଟର ତାଲିକାରେ ଯୋଗ କରାଯାଇଥିବା ବେଳେ ୨୭,୩୩୪ ଜଣଙ୍କୁ ବାଦ୍ ଦିଆଯାଇଛି। ଚୂଡ଼ାନ୍ତ ତାଲିକାରେ ୧୮-୧୯ ବର୍ଷ ବୟସ ବର୍ଗର ଭୋଟର ସଂଖ୍ୟା ୨୫,୯୧୫ ଏବଂ ଦିବ୍ୟାଙ୍ଗ ଭୋଟର ସଂଖ୍ୟା ୨୮,୯୧୪ ରହିଛି। ୮୦ ବର୍ଷ ଏବଂ ତହିଁରୁ ଉର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକ ଭୋଟର ସଂଖ୍ୟା ୩୧,୩୬୦ ଏବଂ ସର୍ଭିସ୍ ଭୋଟର ୨୨୫୧ ଥିବା ସୂଚନା ପ୍ରଦାନ କରାଯାଇଛି। ୨୦୧୯ରେ ବୁଥ୍ ସଂଖ୍ୟା ୧୨୯୨ ଥିବାବେଳେ ୨୦୨୪ରେ ବୁଥ୍ ସଂଖ୍ୟା ୧୩୦୯କୁ ବୃଦ୍ଧି ପାଇଛି। ୨୦୧୯ରେ ପ୍ରତି ହଜାର ପୁରୁଷ ଭୋଟରରେ ୯୧୩ ମହିଳା ଥିବାବେଳେ ୨୦୨୪ରେ ୯୩୭ଜଣ ମହିଳା ଭୋଟର ଅଛନ୍ତି। ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ଭୋଟର ତାଲିକା ପ୍ରସ୍ତୁତି ସମ୍ବନ୍ଧରେ ସୂଚନା ଦେଇଥିଲେ। ଜିଲାରେ ବାଲଟ ୟୁନିଟ୍ ୩୫୦୦, କଣ୍ଟ୍ରୋଲ ୟୁନିଟ୍ ୩୪୯୯ ଓ ଭିଭିପାଟ୍ ୩୭୦୦ଟି ପହଞ୍ଚିଥିବା ଉପଜିଲାପାଳ ମନୋଜ ପାତ୍ର କହିଥିଲେ। ଡେପୁଟି କଲେକ୍ଟର (ନିର୍ବାଚନ) ସାଗରିକା ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

